



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୫ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 25 October 2024

Vol.No. 35 ■ No.284 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଅଧରାତ୍ରିରେ ପ୍ରଳୟ

ଭୁବନେଶ୍ୱର, ୨୩/୧୦ (ନି.ପ୍ର): ଭୀଷଣ ବାତ୍ୟା ଯେତିକି ତାଣ୍ଡବ ରଚିଛି, ଏହା ସ୍ଥଳ ଭାଗ ଛୁଇଁବା ପରେ ପ୍ରବଳ ବର୍ଷା ତାଠାରୁ ଅଧିକ କୋପ ଦେଖାଇଛି । ପାଣିପାଗ ବିଭାଗ ଆସନ୍ତା ଦୁଇ ଦିନ ପାଇଁ ଉତ୍ତରରୁ ପଶ୍ଚିମ ଓଡ଼ିଶା ଯାଏଁ ବର୍ଷା ଚେତାବନୀ ଜାରି କରିଛି । ଏଥିଯୋଗୁଁ ଉତ୍ତର ଓ ଉପକୂଳ ଓଡ଼ିଶାର ଅନେକ ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହେଲାଣି । ଯେହେତୁ ସମୁଦ୍ର ଜୁଆର ଅଧିକାଂଶ ନଦୀରେ ପଶିବ, ତେଣୁ ବନ୍ୟା ପାଣି ନିଷ୍କାସନ ନହୋଇ ଗାଁ ଗଣ୍ଡାକୁ ମାଡ଼ି ଯିବାର ଆଶଙ୍କା ରହିଛି ।



ଖାଲି ଅଣଚାଶ ପବନ ନୁହେଁ । ନିର୍ଘାତ ବର୍ଷାକୁ ବି ସାଙ୍ଗରେ ଧରି ଆସୁଛି ଭୀଷଣ ବାତ୍ୟା ଦାନା । ବାତ୍ୟା ସ୍ଥଳଭାଗ ଅତିକ୍ରମ କଲା ପରେ ଏହା କ୍ରମଶ ଦୁର୍ବଳ ହୋଇ ଡିପ୍-ଡିପ୍ରେସନ ଓ ଲଘୁଚାପରେ ପରିଣତ ହୋଇ ଅଧାରୁ ଅଧିକ ଓଡ଼ିଶାକୁ ଗ୍ରାସିବ। ଯଦିଓ ପବନର କୋପ କମିଯିବ ହେଲେ ବର୍ଷା ତାଉ ଦେଖାଇବ। ଖାଲି ଉପକୂଳ କି ଉତ୍ତର ନୁହେଁ ପଶ୍ଚିମ ଓଡ଼ିଶାରେ ବି କାଚିବ ବର୍ଷା । ଏହାର ପ୍ରଭାବରେ ନଦୀ-ନାଳ ଫୁଲିବ, ଏପରିକି ବନ୍ୟା ସ୍ଥିତି ବି ଉପୁଜିପାରେ। ସୂଚନା ଅନୁସାରେ-ଆସନ୍ତାକାଲି ସକାଳୁ ୨୬ ତାରିଖ ସକାଳ ଯାଏଁ ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ଅନୁଗୁଳ ଓ ଖୋର୍ଦ୍ଧା ଜିଲ୍ଲାକୁ ଦିଆଯାଇଛି ରେଡ୍ ୱାର୍ଣ୍ଣିଂ । ଏସବୁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ । ସେମିତି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ବୌଦ୍ଧ, ସୋନପୁର ଓ ନୟାଗଡ଼ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବାବେଳେ ଗଂଜାମ, କନ୍ଧମାଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼କୁ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ। ଲ୍ୟାଣ୍ଡଫଲ୍ ପରେ ଟିକେ ବଙ୍କେଇବ ବାତ୍ୟାର ଗତିପଥ । ଏହା ପଶ୍ଚିମ-ଉତ୍ତର ଏବଂ ପଶ୍ଚିମକୁ ଗତି କରିବ। ଲ୍ୟାଣ୍ଡଫଲ୍ ପରେ ବର୍ଷା ପରିମାଣ ଅଧିକ ରହିବ ▶▶ପୃଷ୍ଠା ୭

## ଜଷ୍ଟିସ ସଞ୍ଜୀବ ଖାନ୍ନା ଦେଶର ପ୍ରଧାନ ବିଚାରପତି: ୧୧ରେ ନେବେ ଶପଥ


ନୂଆଦିଲ୍ଲୀ, ୨୪/୧୦ : ଦେଶର ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି ଜଷ୍ଟିସ ସଞ୍ଜୀବ ଖାନ୍ନା। ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଏହି ପଦରେ ନିଯୁକ୍ତ କରିଛନ୍ତି। ବର୍ତ୍ତମାନ ପ୍ରଧାନ ବିଚାରପତି ଭାବେ କାର୍ଯ୍ୟ କରୁଥିବା ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ତାଙ୍କ ଉତ୍ତରାଧିକାରୀ ଭାବେ ବରିଷ୍ଠତା ଦୃଷ୍ଟିରୁ ଜଷ୍ଟିସ ଖାନ୍ନାଙ୍କ ନାଁ ସୁପାରିସ କରିଥିଲେ। ଏହା ଉପରେ ଆଜି ମୋହର ବାଜିଛି। ଆସନ୍ତା ୧୧ ତାରିଖରେ ଜଷ୍ଟିସ ଖାନ୍ନା ପ୍ରଧାନ ବିଚାରପତି ଭାବେ ଶପଥ ନେବେ। ଆଜି ସମ୍ପର୍କରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏକ୍ସ ମାଧମରେ ସୂଚନା ଦେଇଛନ୍ତି। ସମ୍ବିଧାନରେ ପ୍ରଦତ୍ତ କ୍ଷମତାକୁ ବ୍ୟବହାର କରି ରାଷ୍ଟ୍ରପତି ପ୍ରଧାନ ବିଚାରପତିଙ୍କ ସହ ଆଲୋଚନା କରି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କୁ ପରବର୍ତ୍ତୀ ସିଜେଆଇ ଭାବେ ନିଯୁକ୍ତି ଦେଇଛନ୍ତି। ତାଙ୍କ କାର୍ଯ୍ୟକାଳ ନଭେମ୍ବର ୧୧ରୁ ଆରମ୍ଭ ହେବ ବୋଲି ଶ୍ରୀ ମେଘୱାଲ ଏକ୍ସରେ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କ ଅବସର ପରେ ଜଷ୍ଟିସ ଖାନ୍ନା ସର୍ବୋଚ୍ଚ ନ୍ୟାୟାଳୟର ୫୧ତମ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନେବେ। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ତାଙ୍କ କାର୍ଯ୍ୟକାଳ ଛଅ ମାସ ରହିବ। ଅର୍ଥାତ୍ ଜଷ୍ଟିସ ଖାନ୍ନାଙ୍କ କାର୍ଯ୍ୟକାଳ ଆସନ୍ତା ବର୍ଷ ମେ ୧୩ରେ ଶେଷ ହେବ। ୧୯୮୩ରେ ଦିଲ୍ଲୀ ବାର୍ କାଉନସିଲରେ ପଞ୍ଜୀକରଣ



ସହ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ ଜଷ୍ଟିସ ଖାନ୍ନା। ପ୍ରଥମେ ସେ ହଜାରି କମ୍ପ୍ଲେକ୍ସ ଜିଲ୍ଲା କୋର୍ଟରେ ଓକିଲ ଭାବେ ଅଭ୍ୟାସ ଆରମ୍ଭ କରିଥିଲେ। ଏହାପରେ ବିଭିନ୍ନ ହାଇକୋର୍ଟରେ ଓକିଲାତି କରିବା ସହ ସହକାରୀ ସରକାରୀ ଓକିଲ ଭାବେ ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟ କରିଥିଲେ। ପରେ ଆମିକସ କ୍ୟୁରି ଭାବେ ନିଯୁକ୍ତି ପାଇଥିଲେ। ୨୦୦୫ରେ ଦିଲ୍ଲୀ ହାଇକୋର୍ଟର ଆଡିସନାଲ ଜଜ୍ ହୋଇଥିଲେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା। ୨୦୦୬ରେ ତାଙ୍କୁ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା।

## ବନ୍ୟା ଆଶଙ୍କା: ପ୍ରଭାବିତ ହୋଇପାରନ୍ତି ୧୬ ଜିଲ୍ଲା

ଭୁବନେଶ୍ୱର, ୨୪/୧୦ (ନି.ପ୍ର): ଭୀଷଣ ବାତ୍ୟା 'ଦାନା' ପ୍ରଭାବରେ କିଛି ଜିଲ୍ଲାରେ ବର୍ଷା ଲାଗି ରହିଛି। ଏହା ସ୍ଥଳଭାଗ ଛୁଇଁବା ପରେ ଆହୁରି ବର୍ଷା ହେବ। କେଉଁଠି ପ୍ରବଳ ତ ଆଉ କେଉଁଠି ପ୍ରବଳରୁ ପ୍ରବଳତର ବର୍ଷା ହେବ। କିଛି କିଛି ସ୍ଥାନରେ ଅତି ଭୀଷଣ ବର୍ଷା ହେବ। ଆଉ ଏହି ବର୍ଷା ଯୋଗୁ ୧୬ଟି ଜିଲ୍ଲାରେ ବନ୍ୟା ହେବାର ଆଶଙ୍କା ରହିଛି। ଏହି ସବୁ ଜିଲ୍ଲାଗୁଡ଼ିକରେ ଫ୍ଲାସ୍ ଫ୍ଲଡ ହୋଇପାରେ। ଅନୁଗୋଳ, ବାଲେଶ୍ୱର, ବୌଦ୍ଧ, ଭଦ୍ରକ, କଟକ, ଢେଙ୍କାନାଳ, ଗଜପତି, ଗଂଜାମ, ଜଗତସିଂହପୁର,



ଯାଜପୁର, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ,ନୟାଗଡ଼ ଓ ପୁରୀ ଜିଲ୍ଲାରେ ଫ୍ଲାସ୍ ଫ୍ଲଡ୍ ହୋଇପାରେ ବୋଲି ଆଇଏମଡି ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶା ଉପକୂଳ ପାଖାପାଖି ହୋଇସାରିଲାଣି ଭୀଷଣ ବାତ୍ୟା 'ଦାନା'। ସଦ୍ୟ ସୂଚନା ଅନୁଯାୟୀ ଏହା ଏବେ ପାରାଦ୍ୱୀପ ଠାରୁ ୧୦୦ କିଲୋମିଟର ଏବଂ ଧାମରା ଠାରୁ ୧୩୦ କିଲୋମିଟର ଦୂରରେ ରହିଛି। ଘଣ୍ଟାକୁ ୧୦ରୁ ୧୨ କିମି ବେଗରେ ଏହା ଆଗକୁ ବଢୁଛି। ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ▶▶ପୃଷ୍ଠା ୭

## ବାଲେଶ୍ୱରରେ ଘରୋଇ ବସ୍ ଚଳାଚଳ ବନ୍ଦ

ବାଲେଶ୍ୱର, ୨୪/୧୦ (ନି.ପ୍ର): ସୁ ସୁ ଗର୍ଜନ କରି ଓଡ଼ିଶା ଉପକୂଳକୁ ମାଡ଼ି ଆସୁଛି ବାତ୍ୟା। ସମୁଦ୍ର ଭାଗରେ ଭୀଷଣ ବାତ୍ୟାର ରୂପ ନେଇସାରିଛି 'ଦାନା'। ଧୀରେ ଧୀରେ ଏହା ସ୍ଥଳଭାଗ ମୁହାଁ ହୋଇଛି। ୨୪ ତାରିଖ ରାତିରୁ ୨୫ ତାରିଖ ସକାଳ ଭିତରେ ଭିତରକନିକା ଓ ଧାମରା ମଧ୍ୟରେ ଏହା ଲ୍ୟାଣ୍ଡଫଲ୍ କରିବ। ବାତ୍ୟା ଏବେ ପାରାଦୀପ ଠାରୁ ଦକ୍ଷିଣପୂର୍ବରୁ ୨୬୦ କି.ମି., ଧାମରାର ଦକ୍ଷିଣ ଦକ୍ଷିଣ-ପୂର୍ବର



୨୯୦ କି.ମି. ଦୂରରେ ଅବସ୍ଥିତ ଅଛି। ଏହାକୁ ଦୃଷ୍ଟିରେ ରଖି ଚାରିଆଡେ ସତର୍କତା ଅବଲମ୍ବନ କରାଯାଇଛି। ବାତ୍ୟା ଦାନା ପାଇଁ ବାଲେଶ୍ୱରରେ ଘରୋଇ ବସ୍ ଚଳାଚଳ ବନ୍ଦ ରହିଛି। ବାଲେଶ୍ୱରରୁ ଚନ୍ଦନେଶ୍ୱର ଓ ଭୁବନେଶ୍ୱରକୁ ବସ୍ ଚଳାଚଳ ବନ୍ଦ ରଖାଯାଇଛି। ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ 'ବାତ୍ୟା' ସମୀକ୍ଷା: ୩ ଲକ୍ଷରୁ ଅଧିକଙ୍କୁ ସ୍ଥାନାନ୍ତରଣ

ଭୁବନେଶ୍ୱର, ୨୪/୧୦ (ନି.ପ୍ର): ଜିରୋ କାଜୁଆଲଟି ଆମ ଲକ୍ଷ୍ୟ । ଆଜି ବାତ୍ୟା ମୁକାବିଲାକୁ ନେଇ କିଛି ଏଭଳି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଆଜି ଲୋକସେବା ଭବନରେ ଝଜଉ, ରାଜସ୍ୱମନ୍ତ୍ରୀଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ସହ ବାତ୍ୟା ଦାନାର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ । ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଉଛି, ଏବେ ଯାଏଁ ୩ ଲକ୍ଷରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତରଣ କରାଯାଇଛି । ୭୨୮୫ ବାତ୍ୟା ଆଶ୍ରୟସ୍ଥଳୀ



ଚାଲୁଛି। ବାତ୍ୟା ଦାନାରେ ମୋଟ ୧୬୫୩ ଗାଁ ପ୍ରଭାବିତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେପଟେ ଲୋକେ ଗାଁ ଛାଡ଼ିବା ପରେ ଲୋକଙ୍କ ଗାଁକୁ ଜଗିବ ପୋଲିସ । ତେଣୁ ଲୋକେ ନିଜ ଜୀବନକୁ ସୁରକ୍ଷିତ ରଖିବାକୁ ଅପିଲ୍ କରିଛନ୍ତି ମୁଖ୍ୟମନ୍ତ୍ରୀ । ଗାଁରେ ୨୪ ଘଣ୍ଟିଆ ପୋଲିସ ପାଟ୍ରୋଲିଂ ହେବ । ୭୨୮୫ ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କୁ ରଖାଯାଇଛି । ୨୩୩୮ ଗର୍ଭବତୀଙ୍କୁ ମେଡିକାଲ ସ୍ଥାନାନ୍ତର କରାଯାଇଛି । ୧୯ଟି ଘଉଜର, ୫୧ ଓଡ୍ରାଫ୍ ଏବଂ ୨୨୦ ଅଗ୍ନିଶମ ଟିମ୍ ଗ୍ରାଉଣ୍ଡରେ ମୁତୟନ ହୋଇଛନ୍ତି। ସେହିପରି ୧୫୮ ପ୍ଲାଟୁନ ପୋଲିସ ଫୋର୍ସ ମଧ୍ୟ ମୁତୟନ ହୋଇଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ ।

## ସେନା ଗାଡ଼ି ଉପରେ ଆତଙ୍କବାଦୀଙ୍କ ଭୟଙ୍କର ହମଲା

ଜମ୍ମୁ-କଶ୍ମୀର, ୨୪/୧୦: ଜମ୍ମୁ-କଶ୍ମୀରରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିଛନ୍ତି ଆତଙ୍କବାଦୀ। ଉପତ୍ୟକାର ଗୁଲମର୍ଗରେ ଆଜି ସ୍ଥଳ ସେନାର ଗୋଟିଏ ଗାଡ଼ି ଉପରେ ଆତଙ୍କବାଦୀମାନେ ଅତର୍କିତ ଆକ୍ରମଣ କରିଛନ୍ତି। ସେମାନେ ଗ୍ରେନେଡ ଫିଙ୍ଗିବା ସହ ଗୁଳିମାଡ଼ କରିଛନ୍ତି। ଏଥିରେ ଜଣେ ସାଧାରଣ ନାଗରିକ ପ୍ରାଣ ହରାଇଥିବା ବେଳେ ୫ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କୁ ତୁରନ୍ତ ଘଟଣା ସ୍ଥଳରୁ ଉଦ୍ଧାର କରି ସ୍ଥାନୀୟ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ୫ ଜଣଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି। ଘଟଣା ପରେ ପୂରା ଅଞ୍ଚଳକୁ କର୍ଡନ କରାଯାଇଛି। ସେହିପରି ଅଧିକ ସଂଖ୍ୟକ ଯବାନ ଘଟଣା ସ୍ଥଳକୁ ଯାଇଛନ୍ତି। ଆତଙ୍କବାଦୀମାନେ ସ୍ଥାନୀୟ ଅଞ୍ଚଳରେ ▶▶ପୃଷ୍ଠା ୭

## 'ଦାନା' ପାଇଁ ଦୁଇ ଦିନ ସୂର୍ଯ୍ୟ ମନ୍ଦିର ବନ୍ଦ


କୋଣାର୍କ, ୨୪/୧୦ (ନି.ପ୍ର):ଓଡ଼ିଶା ଉପକୂଳକୁ ମାଡ଼ି ଆସୁଛି ବାତ୍ୟା ଦାନା। ଭୀଷଣ ରୂପ ନେଇ ସମୁଦ୍ରରୁ ସ୍ଥଳଭାଗ ମୁହାଁ ହୋଇଛି ସାମୁଦ୍ରିକ ଝଡ଼। ଆଜି ରାତିରୁ ଆସନ୍ତାକାଲି ସକାଳ ଭିତରେ ଭିତରକନିକା ଓ ଧାମରା ମଧ୍ୟରେ ଏହା ଲ୍ୟାଣ୍ଡଫଲ କରିବ। ସିଭିୟର ସାଇକ୍ଲୋନିକ୍ ଷ୍ଟର୍ମ ଦାନା ଏବେ ପାରାଦୀପଠାରୁ ୨୬୦ କିଲୋମିଟର ଦକ୍ଷିଣ ପୂର୍ବ ଓ ଧାମରାରୁ ୨୯୦ କିଲୋମିଟର ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ କେନ୍ଦ୍ରୀଭୂତ ରହିଛି। ସାମୁଦ୍ରିକ ଝଡ଼କୁ ଦୃଷ୍ଟିରେ ରଖି ଦୁଇ ▶▶ପୃଷ୍ଠା ୭

## ଅନାସ୍ଥାରେ ପରାଜିତ ୪ ପୌରସଂସ୍ଥା ଅଧ୍ୟକ୍ଷଙ୍କୁ ବିଦା ପାଇଁ ବିଜ୍ଞପ୍ତି ଜାରି କଲେ ସରକାର

ଭୁବନେଶ୍ୱର, ୨୪/୧୦ (ନି.ପ୍ର): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବିଜେଡି କ୍ରମାଗତ ଶକ୍ତଧକ୍କା ଲାଗୁଛି । ରାଜ୍ୟର ଗୋଟିଏ ମ୍ୟୁନିସପାଲଟି ଓ ୩ଟି ବିଜ୍ଞାପିତ ଅଂଚଳ ପରିଷଦ(ଏନଏସି)ର ଅଧ୍ୟକ୍ଷଙ୍କୁ ପଦଚ୍ୟୁତ କରିବା ପାଇଁ ରାଜ୍ୟ ସରକାର ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଛନ୍ତି। ଏହି ୪ ପୌରସଂସ୍ଥାର ନିର୍ବାଚିତ ଅଧ୍ୟକ୍ଷ/ଅଧ୍ୟକ୍ଷା ଗତ କିଛିଦିନ ପୂର୍ବରୁ ଅନାସ୍ଥା ଭୋଟରେ ପରାଜିତ ହୋଇଥିଲେ । ଆଜି ପୌର ପ୍ରଶାସନ ନିର୍ଦ୍ଦେଶକଙ୍କ ଦ୍ୱାରା ବିଜ୍ଞପ୍ତି ଅନୁସାରେ, ଭବାନୀ ପାଟଣା ▶▶ପୃଷ୍ଠା ୭

## ୮୫ ବିମାନକୁ ବୋମା ଧମକ ଭୁବନେଶ୍ୱର ଓ ଝାରସୁଗୁଡ଼ାରେ ହେଲା ଯାଞ୍ଚ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୪/୧୦ : ପୁଣିଥରେ ବିଭିନ୍ନ ବିମାନକୁ ମିଳିଛି ବୋମା ଧମକ। ଏକାଥରେ ଆଜି ୮୫ଟି ବିମାନରେ ବୋମା ଥିବା କଥା ଧମକ ଦିଆଯାଇଛି। ଇଣ୍ଡିଗୋ, ଏୟାର ଇଣ୍ଡିଆ, ଭିସ୍ତାରା ଓ ଏୟାର ଆକାଶର ପ୍ରାୟ ୮୫ଟି ବିମାନକୁ ଦୁର୍ବୃତ୍ତମାନେ ବୋମା ବିସ୍ଫୋରଣର ଧମକ ଦେଇଛି। ଏହି ଧମକ ପରେ ଭୁବନେଶ୍ୱର ଓ ଝାରସୁଗୁଡ଼ରେ ଆତଙ୍କ ଦେଖିବାକୁ ମିଳିଛି। ଓଡ଼ିଶାର ଏହି ଦୁଇ ଏୟାରପୋର୍ଟରେ ଥିବା ଦୁଇ



ବିମାନକୁ ବୋମା ଧମକ ମିଳିବା ପରେ ହଇଚଇ ସୃଷ୍ଟି ହୋଇଛି। ଭୁବନେଶ୍ୱର ଏୟାରପୋର୍ଟ ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି ଯେ ବିମାନରେ ବୋମା ଥିବା ନେଇ ଏକ ଧମକ ମିଳିଥିଲା। ଟ୍ୱିଟର(ବର୍ତ୍ତମାନ ଏକ୍ସ) ଜରିଆରେ ବୋମା ବିସ୍ଫୋରଣର ଧମକ ଦିଆଯାଇଥିଲା। ଏୟାରପୋର୍ଟରେ ରହିଥିବା ଏୟାର ଆକାଶ ବିମାନରେ ବୋମା ଥିବା ସୂଚନା ମିଳିବା ପରେ ଏସ୍ ?ଓପି ଅନୁସାରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ କୌଣସି ଠାରେ ବୋମା ନଥିବା ଜଣାପଡ଼ିଛି। ବିମାନକୁ ଯାଞ୍ଚ କରି ଉଡ଼ାଣ ପାଇଁ କ୍ଲିୟରାନ୍ସ ଦିଆଯାଇଛି ବୋଲି ସେ କହିଛନ୍ତି। ସେହିପରି ବୋମା ଧମକ ପରେ ଝାରସୁଗୁଡ଼ା ବିମାନ ବନ୍ଦରରେ ମଧ୍ୟ ଖାନତଲାସି ହୋଇଛି। ▶▶ପୃଷ୍ଠା ୭

## ନିର୍ବାଚନ ପୂର୍ବରୁ ଶରଦ ପାୱାରଙ୍କୁ ସୁପ୍ରିମ ଝଟକା: ପୁତୁରା ନେଇଗଲେ 'ଘଡ଼ି' ଚିହ୍ନ

ନୂଆଦିଲ୍ଲୀ, ୨୪/୧୦ : ମହାରାଷ୍ଟ୍ର ନିର୍ବାଚନ ପୂର୍ବରୁ ଶରଦ ପାୱାର ଏବଂ ତାଙ୍କ ଦଳ ଘଉଚ(ଝଉଚ)କୁ ଏକ ବଡ଼ ଝଟକା ଲାଗିଛି। ମହାରାଷ୍ଟ୍ର ନିର୍ବାଚନରେ 'ଘଡ଼ି' ଚିହ୍ନ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବାକୁ ଏନସିପି (ଶରଦ ଚନ୍ଦ୍ର ପାୱାର) ଦଳ ପକ୍ଷରୁ ଅକ୍ଟୋବର ୨ରେ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ହେଲେ ଏହି ଦାବିକୁ ସୁପ୍ରିମକୋର୍ଟ ବର୍ତ୍ତମାନ ପ୍ରତ୍ୟାଖ୍ୟାନ କରିଛନ୍ତି। ଅର୍ଥାତ ମହାରାଷ୍ଟ୍ର ନିର୍ବାଚନରେ ଅଜିତ ପାୱାର ଗୋଷ୍ଠୀ 'ଘଡ଼ି' ଚିହ୍ନରେ ନିର୍ବାଚନ ଲଢ଼ିବାକୁ ସକ୍ଷମ ହେବେ। ସୁପ୍ରିମକୋର୍ଟ କହିଛନ୍ତି ଯେ ମହାରାଷ୍ଟ୍ର ନିର୍ବାଚନରେ ଅଜିତ ପାୱାରଙ୍କ ଦଳ 'ଘଡ଼ି' ଚିହ୍ନ ବ୍ୟବହାର କରିପାରିବେ। କିନ୍ତୁ ସେମାନଙ୍କୁ ମଧ୍ୟ ଏକ ସର୍ତ୍ତ ମାନିବାକୁ ପଡିବ। ଅଦାଲତ କହିଛନ୍ତି ଯେ ଅଜିତ ପାୱାରଙ୍କ ଦଳ



'ଘଡ଼ି' ଚିହ୍ନ ବ୍ୟବହାର ସହିତ ଅଦାଲତରେ ବିଚାରାଧୀନ ଥିବା ଆଦେଶକୁ ଅନୁସରଣ କରିବା ସମ୍ବନ୍ଧରେ ଏକ ଆଫିଡେଭିଟ୍ ପ୍ରଦାନ କରିବେ। ଏହାପୂର୍ବରୁ, 'ଘଡ଼ି ନିର୍ବାଚନ ଚିହ୍ନ ମାମଲା କୋର୍ଟରେ ବିଚାରାଧୀନ ଅଛି' ବୋଲି ଏକ ସର୍ବସାଧାରଣ ନୋଟିସ ଜାରି କରିବାକୁ ମାର୍ଚ୍ଚ ୧୯, ୨୦୨୪ ତାରିଖରେ ସୁପ୍ରିମକୋର୍ଟ ଅଜିତ ପାୱାରଙ୍କ ଗୋଷ୍ଠୀକୁ ନିର୍ଦ୍ଦେଶ ଦେଇଥିଲେ। ସେ ଏହାକୁ ଅଧିକ ବ୍ୟବହାର କରିବାକୁ ସକ୍ଷମ ହେବେ କି ନାହିଁ ତାହା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ ସ୍ଥିର ହେବ ବୋଲି ନୋଟିସରେ ଉଲ୍ଲେଖ କରିବାକୁ ଅଜିତଙ୍କ ଗୋଷ୍ଠୀକୁ ନିର୍ଦ୍ଦେଶ ମିଳିଥିଲା। କୋର୍ଟଙ୍କ ଏହି ନିର୍ଦ୍ଦେଶ ପାଳନ କରାଯାଇଛି କି ନାହିଁ, ସେନେଇ ଉତ୍ତର ରଖିବାକୁ ଅଜିତଙ୍କ ଗୋଷ୍ଠୀକୁ ଏକ ନୋଟିସ ଯୋଗେ କୋର୍ଟ ପଚାରିଛନ୍ତି। ଅଜିତ ପାୱାର କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରୁଛନ୍ତି ବୋଲି ଏକ ସତ୍ୟପାଠ ଦାଖଲ କରିବା ପାଇଁ ମଧ୍ୟ ସୁପ୍ରିମକୋର୍ଟ ଅଜିତଙ୍କ ଗୋଷ୍ଠୀକୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ଶରଦ ଓ ଅଜିତଙ୍କ ଗୋଷ୍ଠୀକୁ ଚେତାବନୀ ପୂର୍ବକ ସୁପ୍ରିମକୋର୍ଟ କହିଛନ୍ତି, 'ଆମେ ଆଶା

# ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା କାର୍ଡ ବଂଟନ

ମାଲକାନଗିରି, ୨୪/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ କର୍ମଜୀବୀ ସାମ୍ବାଦିକଙ୍କ ନିମନ୍ତେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ କଲ୍ୟାଣ ଯୋଜନାରେ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ କରାଯାଉଛି । ଚଳିତ ବର୍ଷ ମଧ୍ୟ ବିଭାଗ ପକ୍ଷରୁ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟରତ ସାମ୍ବାଦିକଙ୍କ ବୀମା କାର୍ଡ ପ୍ରଦାନ କରାଯାଇଛି। ଆଜି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ନିଜ କାର୍ଯ୍ୟାଳୟରେ ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ କରିଛନ୍ତି। ସୂଚନା ଥାଉ କି ବିଗତ ବର୍ଷ ଜିଲ୍ଲାରେ ୮୯ ଜଣ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା କାର୍ଡ ପାଇଥିଲେ। ଉକ୍ତ ସାମ୍ବାଦିକଙ୍କ କାର୍ଡ ନବୀକରଣ କରାଯାଇଛି। ଚଳିତ ବର୍ଷ ୧୯ ଜଣ ସାମ୍ବାଦିକ ନୂତନ ଭାବେ ସ୍ୱାସ୍ଥ୍ୟ ବୀମା ପାଇଁ ଆବେଦନ କରିଛନ୍ତି। ସର୍ବମୋଟ ଜିଲ୍ଲାରେ ୧୦୮ ଜଣ ସାମ୍ବାଦିକ ବୀମା ଭୁକ୍ତ ହୋଇଛନ୍ତି। ସୂଚନା ଥାଉ କି ଅନଲାଇନ ମାଧ୍ୟମରେ ଥରେ ବୀମା ନିମନ୍ତେ ଆବେଦନ କରିବା ପରେ ପ୍ରତ୍ୟେକ ବର୍ଷ କାର୍ଡ ନବୀକରଣ ହେବ। ଯଦି କୌଣସି ତଥ୍ୟ ଯୋଡିବାର ଆବଶ୍ୟକ ହୁଏ ପରବର୍ତ୍ତୀ ସମୟରେ ବିଭାଗ ଦ୍ୱାରା ଇ ଅପଡେଟ କରାଯାଇ ପାରିବ। ଏହି ବୀମା କାର୍ଡ ଦ୍ୱାରା କର୍ମଜୀବୀ ସାମ୍ବାଦିକଙ୍କ କଲ୍ୟାଣରେ ବହୁତ ସହାୟତା ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ମତ ପ୍ରକାଶ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଓ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

# ଦାରିଦ୍ର୍ୟ ଦୂରୀକରଣ ଯୋଜନା ଓ ବିକାଶମୂଳକ କାର୍ଯ୍ୟର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ସମ୍ବଲପୁର, ୨୪/୧୦ (ନି.ପ୍ର): ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ପରିସରରେ ଜିଲ୍ଲା ପ୍ରଶାସନ ଦ୍ୱାରା ଦାରିଦ୍ର୍ୟ ଦୂରୀକରଣ ଯୋଜନା ଏବଂ ସମ୍ବଲପୁରର ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଉପରେ ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ବୈଷୟିକ) ବିବି ପଟ୍ଟନାୟକ ଅତିଥିଭାବେ ମଂଚାସୀନ ଥିଲେ। ବୈଠକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ମହାତ୍ମାଗାନ୍ଧୀ ନାସନାଲ ରୁରାଲ ଏମପ୍ଲୟମେଂଟ ଗ୍ୟାରେଂଟି ସ୍କିମ) ର କାର୍ଯ୍ୟକାରିତା, ସ୍ୱଚ୍ଛ ଭାରତ ମିଶନ ଓ ପାନୀୟ ଜଳ ର କାର୍ଯ୍ୟକାରିତା, ରେଡ୍ କ୍ରସ୍ ର କାର୍ଯ୍ୟକଳାପ, ଗ୍ରାମୀଣ ଗୃହ ନିର୍ମାଣ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, ୧୦୦ ଜନସଂଖ୍ୟା ରହୁଥିବା ଗ୍ରାମକୁ ଯୋଗାଯୋଗ ପାଇଁ ଗ୍ରାମ ଗୁଡିକ ର ତାଲିକା ସଂଗ୍ରହ, ସୋସିଆଲ ଅଡିଟ୍, ହାଉସିଂ ଏବଂ ଫ୍ୟାମିଲି ୱେଲଫେୟାର, ଅଙ୍ଗନୱାଡି କେନ୍ଦ୍ର ର ନିର୍ମାଣ, ରାଜ୍ୟ ଆର୍ଥିକ ନିଗମ, ଭିଏସ୍ଏସ ବିଲଡିଂ ର ପରିଚାଳନା, ଓଡିଶା ଜୀବିକା ମିଶନ ରେ କିପରି ସମସ୍ତ ଗରିବ ପରିବାରଙ୍କ ନିକଟରେ ପହଂଚିପାରି ସେମାନଙ୍କୁ ନିରନ୍ତର ଜୀବିକା ଯୋଗାଇ ଦେବା ସହିତ ଦାରିଦ୍ର୍ୟରୁ ବାହାରିବା ପର୍ଯ୍ୟନ୍ତ ଭଲ ଜୀବନଯାପନ କରିବା ପର୍ଯ୍ୟନ୍ତ ସେମାନଙ୍କୁ ପ୍ରତିପୋଷଣ କରିବା, ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି ଯୋଜନା ଅଧୀନ ରେ ବିଭିନ୍ନ ପ୍ରକଳ୍ପ ଏବଂ ପଦକ୍ଷେପ ମାଧ୍ୟମରେ ଓଡିଶାର ଗ୍ରାମୀଣ ଉତ୍ପାଦକମାନଙ୍କୁ ନିରନ୍ତର ଜୀବିକା ନିର୍ବାହ ଯୋଗାଇ ଦେଇ ଦାରିଦ୍ର୍ୟ ଦୂରୀକରଣ, ଜୀବିକା ନିର୍ବାହ, ମହିଳା ସଶକ୍ତିକରଣ, ଦକ୍ଷତା ବୃଦ୍ଧି ଏବଂ ଗ୍ରାମୀଣ ସମ୍ପ୍ରଦାୟର ସାମଗ୍ରିକ ସାମାଜିକ-ଆର୍ଥିକ ବିକାଶ ରେ ଉନ୍ନତି କିପରି କରି ହେବ ସେ ବିଷୟ ରେ ଆଲୋଚନା କରିଥିଲେ।

## ଗୋ ଶାଳା ନିର୍ମାଣ ନେଇ ଭିତ୍ତିପ୍ରସ୍ତର ଦେଲେ ବିଧାୟକ

ଜୟପୁର, ୨୪/୧୦ (ନି.ପ୍ର): ଗୋ ଶାଳା ନିର୍ମାଣ ନେଇ ଆଜି ଭିତି ପ୍ରସ୍ତର ଦିଆଯାଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭିତି ପ୍ରସ୍ତର ଦେଇଛନ୍ତି । ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆ ପଂଚାୟତର ସୁନା ନଗରରେ ଏହି ଗୋ ଶାଳା ନର୍ମାଣ ହେବ । ଜୟପୁର ପୌର ପାଳିକାର ୨.୯ ଏକର ଜମି ରେ ନିର୍ମାଣ ହେବ । ଉକ୍ତ ଜମିକୁ ଜୟପୁର ପୌର ପାଳିକା କ୍ରୟ କରିଥିଲା । ଏହି ଗୋ ଶାଳା ନିର୍ମାଣ ପାଇ ୧ କୋଟି ୮୦ ଲକ୍ଷ ଟଙ୍କାର ଡିପିଆର ପ୍ରସ୍ତୁତ କରାଯାଇଛି । କିନ୍ତୁ ୧ କୋଟି ୫୦ ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଛି । ଜୟପୁର ପୌର ପାଳିକା କାର୍ଯ୍ୟ କରିବ । ଏଠାରେ ଗୁହାଳ, ଡାକ୍ତର ରହିବା ପାଇ ଅଫିସ ଗୃହ, ଗାଇଙ୍କ ପାଇ ଚରା ଭୁଇଁ ଆଦି ରହିବ ।

## ଧାମରାରେ ଦାନାର ପ୍ରକୋପ, ବଢୁଛି ବର୍ଷା ବଢୁଛି, ଲୋକେ ଭୟଭୀତ

ଭଦ୍ରକ, ୨୪ /୧୦ (ହି.ସ.) -ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବାତ୍ୟାର ରୂପ ଧାରଣ କରିଛି ।ଏହା ଆଜି ମଧ୍ୟ ରାତ୍ରିରୁ ଏହାର ପ୍ରକୋପ ଆରମ୍ଭ ହୋଇ ୨୫ତାରିଖ ସକାଳ ସୁଦ୍ଧା ଏହା ସ୍ଥଳଭାଗ ଅତିକ୍ରମ କରିବାର ସୁଚନା ମିଳିଥିବା ବେଳେ ଏହାର ପ୍ରବାହ ପୁରୀରୁ ଆରମ୍ଭ ହୋଇ ପଶ୍ଚିମବଙ୍ଗର ସାଗରଦ୍ୱୀପ ପର୍ଯ୍ୟନ୍ତ ରହିବ ବୋଲି ଆକଳନ କରାଯାଇଥିଲା ମାତ୍ର ପୁଣି ଥରେ ଗତି ପଥ ବଦଳାଇବ ବୋଲି ପୁନଶ୍ଚ ଆକଳନ କରାଯାଇଛି। ପୂର୍ବ ଆକଳନ ଅନୁସାରେ ପୁରୀ ଏବଂ ପଶ୍ଚିମବଙ୍ଗ ସାଗରଦ୍ୱୀପ ମଧ୍ୟରେ ବାତ୍ୟାର ପ୍ରଭାବ ରହିବ ବୋଲି ଆକଳନ କରାଯାଇଥିବା ବେଳେ ଏହି ବାତ୍ୟ ପଶ୍ଚିମବଙ୍ଗ ଯିବ ନାହିଁ। ଉପକୂଳ ଏବଂ ଉତର ଓଡିଶା ମଧ୍ୟରେ ଏହା ସ୍ଥଳ ଭାଗ ଛୁଇଁବା ପରେ ଆଭ୍ୟନ୍ତରୀଣ ଏବଂ ଦକ୍ଷିଣ ଓଡିଶା କୁ ମୁହାଁଇବ ବୋଲି ପୁର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଚାନ୍ଦବାଲି ବ୍ଲକ ପ୍ରଶାସନ ପକ୍ଷରୁ୧୫୨ଟି ଆଶ୍ରୟସ୍ଥଳରେ ୧୩ହଜାର ଲୋକଙ୍କୁ ଥଇଥାନ କରାଯାଇଛି ବୋଲି ଚାନ୍ଦବାଲି ବିଡିଓ ଅସିତ ମହାନ୍ତିଙ୍କ ନିକଟରୁ ପ୍ରକାଶ। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ଙ୍କ ଜିରୋ କାଜୁଆଲଟିକୁ ଦୃଷ୍ଟିରେ ରଖି ଗତକାଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ଆସି ଧାମରାରେ ରହି ଆଜି ସମସ୍ତ ବାତ୍ୟା ଆଶ୍ରୟସ୍ଥଳ ବୁଲି ଲୋକଙ୍କୁ ଭୟଭୀତ ନ ହେବା ପାଇଁ ଆଶ୍ୱସନା ଦେଇଥିଲେ। ସେହିପରି ଭଦ୍ରକ ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳ ଏବଂ ଭଦ୍ରକ ଆରକ୍ଷୀ ଅଧୀକ୍ଷକ ମଧ୍ୟ ଧାମରା ଅଂଚଳ ବୁଲି ବଲି ସମସ୍ତ ସ୍ଥିତିର ସମୀକ୍ଷା କରିଥିଲେ।

## ଜଗନ୍ନାଥ ସାଗର ବିକାଶ ଅଟକିବ ନାହିଁ: ଜୟପୁର ପୌର ଅଧ୍ୟକ୍ଷ

ଜୟପୁର, ୨୪/୧୦ (ନି.ପ୍ର): ଅଧପନ୍ତରାରେ ପଡ଼ି ରହିଥିବା ଜୟପୁର ଜଗନ୍ନାଥ ସାଗରର ପୁନଃରୁଦ୍ଧାର କାର୍ଯ୍ୟ ଅଟକିବ ନାହିଁ ବୋଲି ଆଜି ଆଶ୍ୱାସନା ଶୁଣାଇଛନ୍ତି ପୌରପାଳିକା ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି । ଏନେଇ ଆଜି ସ୍ୱତନ୍ତ୍ର ଭାବେ କାଉନ୍ସିଲ୍ ହଲ୍‌ରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି ଶ୍ରୀ ମହାନ୍ତି କହିଛନ୍ତି ଯେ, "ମୋ ପୋଖରୀ' ଯୋଜନା ମାଧ୍ୟମରେ ଜଗନ୍ନାଥ ସାଗରର ପୁନଃରୁଦ୍ଧାର ଏବଂ ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ କରିବାକୁ ଗତ ସରକାର କହିଥିଲେ ଏବଂ ସେହି ପ୍ରକାରେ ଏହି କାମ ଆରମ୍ଭ ହୋଇଥିଲା । କିନ୍ତୁ ରାଜ୍ୟରେ ସରକାର ପରିବର୍ତ୍ତନ ହେବାରୁ ଏହି ଯୋଜନା ଆଉ ଆଗେଇବା ସମ୍ଭବ ନାହିଁ । ଯଦ୍ୱାରା କାମ ଆରମ୍ଭ ନେଇ ପୌର ପାଳିକା ଯେଉଁ ୧୫ତମ ଅର୍ଥ କମିସନରୁ ଅର୍ଥ ବ୍ୟୟ କରୁଥିଲା, ତାହା କରିବା ସମ୍ଭବ ନାହିଁ, ଯାହାକୁ ଆଧାର କରି ଆମେ ଏହି କାର୍ଯ୍ୟ ବନ୍ଦ ରଖିଥିଲୁ । ଏହି ସମୟ ମଧ୍ୟରେ କାମ ପାଇଁ ପ୍ରାୟ ୫ରୁ ୬ କୋଟି ଟଙ୍କା ପୌରପାଳିକାରୁ ସରିଛି । ପୌର ଅର୍ଥ ଆଉ ସାଗରରେ ଖର୍ଚ୍ଚ କରିବା ସମ୍ଭବ ନାହିଁ, କିନ୍ତୁ ସ୍ଥାନୀୟ ବିଧାୟକ ଏବଂ ଜିଲ୍ଲାପାଳ ନିଜ ନିଜ ଉଦ୍ୟମରେ ରାଜ୍ୟ ସରକାରଙ୍କ ସଂପର୍କରେ ରହିଛନ୍ତି, ସରକାରଙ୍କ ଠାରୁ ଅର୍ଥ ଆସିଲେ ଏହି କାମ ନିଶ୍ଚିତ ହେବ ବୋଲି ଆଜି ମହାନ୍ତି କହିଛନ୍ତି। ସାଗରଟି ଜୟପୁର ତହସିଲର ଜଗନ୍ନାଥପୁର ମୌଜା ଖାତା ନଂ ୯୮/୧୦ର ପ୍ଲଟ ନଂ ୧୪୦୪, ୧୭୮୩, ୧୭୮୪ରେ ଅବସ୍ଥିତ । ଯାହାର ସମୁଦାୟ ଜଳାଶୟ ପରିସୀମା ୨୦୩.୩୦୩ ଏକର ରହିଥିବା ବେଳେ ୧୫୭.୭୨୫ ଏକର ଜଗନ୍ନାଥ ସାଗରରେ ଏବଂ ୪୫.୫୮ ଏକର ଛୋଟ ଛୋଟ ଜଳାଶୟରେ ରହିଥିବା ସେ ସୂଚିତ କରିଛନ୍ତି । ବର୍ତ୍ତମାନ ରାସ୍ତା ସାଗର ମଧ୍ୟରେ ରହିଥିବା ରାସ୍ତା କାର୍ଯ୍ୟ ଚାଲୁ ରହିଛି ବୋଲି ମହାନ୍ତି କହିଥିବା ବେଳେ ସାଗର କାର୍ଯ୍ୟରେ ଦୁର୍ନିତୀ ହୋଇ ନାହିଁ, ଆବଶ୍ୟକ ସ୍ଥଳେ ଦୁର୍ନିତୀର ତଦନ୍ତ ହେଲେ ଆମେ ତଦନ୍ତକାରୀଙ୍କୁ ସହଯୋଗ କରିବୁ ବୋଲି ମଧ୍ୟ ଆଜି କହିଛନ୍ତି ।

## ପାରମ୍ପରିକ ଭାବେ ପୁରୁଣା ବସଷ୍ଟାଣ୍ଡ ଥାନପତିଙ୍କ ବିସର୍ଜନ ଘାଟଯାତ୍ରା

କେନ୍ଦ୍ରାପଡ଼ା, ୨୪/୧୦ (ନି.ପ୍ର): କେନ୍ଦ୍ରାପଡା ପୁରୁଣା ବସଷ୍ଟାଣ୍ଡ ଥାନପତି ତଥା ସର୍ବପ୍ରାଚୀନ ମଣ୍ଡପ ଗଜଲକ୍ଷ୍ମୀ ପାରମ୍ପରିକ ରୀତୀ ନୀତୀ ଅନୁଯାୟୀ ବିସର୍ଜନ ଘାଟକୁ ଯାଇଥିବା ଜଣାପଡିଛି । ପରମ୍ପରା ଅନୁଯାୟୀ ଦୀର୍ଘ ୯୯ ବର୍ଷ ହେଲା ଥାନପତିଙ୍କ ଗଜଲକ୍ଷ୍ମୀ ମେଢ ବାହାକ ମାନେ କାନ୍ଧରେ ବୋହି ନେଇ ଆସୁଛନ୍ତି । ସେହି ପରମ୍ପରା ଦୀର୍ଘ ଦିନରୁ ଏବେ ମଧ୍ୟ ପ୍ରଚଳିତ ରହିଛି । ବାତ୍ୟା ପାଇଁ ସମସ୍ତ ମେଢ ବିସର୍ଜନ ଘାଟକୁ ପ୍ରସ୍ଥାନ ପରେ ପୁରୁଣା ବସଷ୍ଟାଣ୍ଡର ଥାନପତି ମେଢକୁ ବାହକ ମାନେ କାନ୍ଧରେ ବୋହି ନେଇ ନିରାଡମ୍ବର ଭାବରେ ବିସର୍ଜନ ଘାଟ ଅଭିମୁଖେ ଯାଇଥିବା ଜଣାପଡିଛି ।

## ଯୁଗ୍ମ ଶ୍ରମ କମିଶନରଙ୍କ ଅଧ୍ୟକ୍ଷତାରେ ଶ୍ରମିକ ମାନଙ୍କ ସମସ୍ୟା ଆଲୋଚିତ

ଜୟପୁର, ୨୪/୧୦ (ନି.ପ୍ର): ଆଜି ସ୍ଥାନୀୟ ଯୁଗ୍ମ ଶ୍ରମ କମିଶନରଙ୍କ ଅଧ୍ୟକ୍ଷତାରେ କାଗଜ କଳ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ନେଇ ମ୍ୟାନେଜମେଂଟ ଅଧିକାରୀଙ୍କ ଉପସ୍ଥିତି ରେ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ବିଲ୍ଟ ସେବା କାଗଜ କଳ କର୍ମଚାରୀ ସଂଘ ଓ ବଲାରପୁର ଏମ୍ପଲଇଜ୍ ୟୁନିଅନ ଉପସ୍ଥିତ ଥିବା ବେଳେ ଅନ୍ୟ ଦୁଇଟି ୟୁନିଅନ ଅନୁପସ୍ଥିତ ରହିଥିଲେ ମ୍ୟାନେଜମେଂଟ ପକ୍ଷରୁ ୟୁନିଟ୍ ହେଡ୍ ଏସ୍ ଏସ୍ ପାଲ୍ ଓ ଏଚ୍ ଆର୍ ହେଡ୍ ରମେଶ ଯାଦବ ଏବଂ ପ୍ରଥମ ୟୁନିଅନର ସଭାପତି ପ୍ରମୋଦ କୁମାର ମହାନ୍ତି, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପାଞ୍ଜିଆ,ଓ ଦ୍ୱିତୀୟ ୟୁନିଅନର ଉପ-ସଭାପତି ସନ୍ଦୀପ ପଟ୍ଟନାୟକ,ସାଧାରଣ ସମ୍ପାଦକ ସରୋଜ ସୁଆର ଉପସ୍ଥିତ ଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀ,ଏ ଏଲ୍ ଓ ଚୈତନ୍ୟ ପ୍ରସାଦ ମାଝୀ ସଭା ପରିଚାଳନା କରିଥିଲେ । ଶ୍ରମିକ ମାନଙ୍କୁ ୫ ମାସ ହେଲା ଦରମା ନାହିଁ , ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ବକେୟା ପାଉଣା, ଗ୍ରାଚ୍ୟୁଇଟି କିଛି ଦେଉ ନାହିଁ । ବହୁ କଷ୍ଟରେ ପି ଏଫ୍ ଟଙ୍କା କଲିକତାରୁ ବ୍ରହ୍ମପୁର ଆଂଚଳିକ ପିଏଫ୍ ଅଫିସ୍ କୁ ଆସିଥିଲେ ମଧ ଅନେକ ସମସ୍ୟା ରହିଛି ଯାହାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଇନାହିଁ। ଶ୍ରମିକ ମାନେ ପି ଏଫ୍ ପେନସନ ପାଇବାରେ ବିଳମ୍ବ ହେଉଛି ବୋଲି ସଙ୍ଘ ତରଫରୁ ଅଭିଯୋଗ କରାଯାଇଛି । ଦୀପାବଳୀ ପୂର୍ବରୁ ଏକ ମାସର ଦରମା ଦେବା , ବୋନସ୍ ଆଇନ୍ ଅନୁଯାୟୀ ସର୍ବନିମ୍ନ ବୋନସ୍ ଦେବା, ଇତ୍ୟାଦି ବିଷୟ ଲେଖା ଯାଇଛି ଯେଉଁଥିରେ ୟୁନିଅନର ପ୍ରତିନିଧି ମାନେ ଓ ଡିଏଲ୍ଓ ଦସ୍ତଖତ କରିଛନ୍ତି। ମାସେ ସମୟ ଦିଆଯାଇଛି, ତାପରେ ପୁଣି ମିଳିତ ବୈଠକକୁ ଆସିବାକୁ ହେବ ବୋଲି ଯୁଗ୍ମ ଶ୍ରମ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

## ପୂର୍ବତନ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ବାତ୍ୟା ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୨୪/୧୦ (ନି.ପ୍ର): ପର୍ଯ୍ୟଟନ ବିଭାଗ ର ନିର୍ଦ୍ଦେଶକ ତଥା କେନ୍ଦ୍ରାପଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ସମର୍ଥ ବର୍ମା ଆଜି କେନ୍ଦ୍ରାପଡାରେ ପହଂଚି ବାତ୍ୟା ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ । ତେବେ ବାତ୍ୟା ପୂର୍ବରୁ ସ୍ଥାନାନ୍ତର ଓ ଥଇଥାନ ଏବଂ ବାତ୍ୟା ପରେ ରିଲିଫ ପରିଚାଳନା ନେଇ ବୈଠକରେ ବିଶେଷ ଆଲୋଚନା କରାଯାଇଥିଲା । ବୈଠକ ପରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଜିଲାର ୧୨ ଗୋଟି ସ୍ଥାନରେ ଓଡ୍ରାଫ୍, ଏନଡିଆରଏଫ ଓ ଅଗ୍ନିଶମ ଟିମ୍ ମୁତୟନ କରାଯାଇଛି। ୫୯୬ ଆଶ୍ରୟସ୍ଥଳରେ ଆଜି ସନ୍ଧ୍ୟା ସୁଦ୍ଧା ଶୁଖିଲା ଖାଦ୍ୟ ପହଂଚାଇ ଦିଆଯାଇଛି। ଆଜି ରାତିରେ ମଧ୍ୟ ସେହିସବୁ ଆଶ୍ରୟସ୍ଥଳୀରେ ରନ୍ଧାଖାଦ୍ୟ ଦିଆଯିବ। ଅନ୍ୟପକ୍ଷରେ ରାଜନଗର ଓ ମହାକାଳପଡା ବ୍ଲକରେ ଲୋକମାନଙ୍କୁ ସ୍ଥାନାନ୍ତର ଉପରେ ଗୁରୁତ୍ୱ ଦେଉଛି ପ୍ରଶାସନ। ପ୍ରସାଶନର ସୂଚନା ଅନୁଯାୟୀ ଜିଲାରେ ୧୪୫ ଗୋଟି ସମ୍ବେଦନଶୀଳ ପଂଚାୟତ ଓ ୩୭୬ ଗୋଟି ସମ୍ବେଦନଶୀଳ ଗାଁ ରହିଛି। ଏହିସବୁ ଗାଁ ଉପରେ ବିଶେଷ ନଜର ରଖିଛି ପ୍ରଶାସନ। ବାତ୍ୟା ପୂର୍ବରୁ ଜିଲାର ୨୮୧ ଆସନ୍ନପ୍ରସବା ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକରେ ପ୍ରଥମ ପର୍ଯ୍ୟାୟରେ ଦୁଇଲକ୍ଷ ପାଣି ବୋତଲ ପହଂଚାଇ ଦିଆଯାଇଥିବା ବେଳେ ପରେ ଆଉ ୧ ଲକ୍ଷ ପାଣି ବୋତଲ ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛି ପ୍ରସାଶନ। ବିଭିନ୍ନ ଅଂଚଳରେ ଥିବା ୩୫୭ ଓଭର ହେଡ୍ ଟ୍ୟାଙ୍କ ମଧ୍ୟରୁ ୩୨୦ଟି ଟାଙ୍କିରେ ପାଣି ଭର୍ତ୍ତି କରି ଦିଆଯାଇଛି। ପରିସ୍ଥିତିର ମୁକାବିଲା ପାଇଁ ୪୩ ଗୋଟି ଜେନେରେଟର ବ୍ୟବସ୍ଥା କରାଯାଇଛି। ଜିଲାରେ ଥିବା ୨୨୭ ସ୍ୱାସ୍ଥ୍ୟକେନ୍ଦ୍ରରେ ଭରପୁର ଔଷଧ ଓ ସାପକାମୁଡା ଇଞ୍ଜେକସନ ମଧ ମହଜୁଦ ଥିବା ଜିଲାପାଳ ସୂଚନା ଦେଇଛନ୍ତି କ୍ଷ ୮୯୧ କୁଇଂଟାଲ ଚୁଡା ଆବଶ୍ୟକ ଥିବା ବେଳେ ୩୪୫ କୁଇଣ୍ଟାଲ ଯୋଗାଇ ଦିଆଯାଇଛି କ୍ଷ ଗୁଡ ୧୧୦ କୁଇଂଟାଲ ଆବଶ୍ୟକ ଥିବା ବେଳେ ୩୪ କୁଇଂଟାଲ, ୯୪୦ ପ୍ୟାକେଟ୍ ବିସ୍କୁଟ ଯୋଗାଇ ଦିଆଯାଇଥିବାବେଳେ ୨୭୫୦ ମହମବତୀ ଓ ୨୨୧୦ ଦିଆସିଲିର ଆବଶ୍ୟକତା ରହିଛି।

## କୋଣାର୍କ ଚନ୍ଦ୍ରଭାଗା ସମୁଦ୍ର କୂଳରେ ବିରଳ ପ୍ରଜାତିର ମାଛ

ପୁରୀ, ୨୪/୧୦ (ନି.ପ୍ର): ବାତ୍ୟା ଦାନା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଛି । ଘୁ ଘୁ ଶବ୍ଦ କରି ଢେଉ କୂଳରେ ମାଡ ହେଉଛି । କୋଣାର୍କ ନିକଟସ୍ଥ ଚନ୍ଦ୍ରଭାଗା ସମୁଦ୍ର କୂଳ ରେ ଏକ ବିରଳ ପ୍ରଜାତି ଓ ଅଦ୍ଭୁତ ମାଛ କୂଳରେ ଦେଖିବାକୁ ମିଳିଛି। ମାଛଟି ର ସର୍ବାଙ୍ଗ ଝିଙ୍କ କାଠି ପରି କଂଟା ବାହାରକୁ ଦେଖା ଯାଉଛି । ସ୍ଥାନୀୟ ବାସିନ୍ଦା ଏହାକୁ ସମୁଦ୍ର ଝିଙ୍କ ବୋଲି କହୁଛନ୍ତି। ତେବେ ଏ ସମ୍ପର୍କରେ ଜିଲ୍ଲା ଲୁଣିପାଣି ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ଏହାକୁ ଦେଖିବା ପାଇଁ ଝିପି ଝିପି ବର୍ଷା ସତ୍ତ୍ୱେ ଲୋକଙ୍କ ଭିଡ ଜମିଛି ।

## ଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ ଦ୍ୱାରା ଜଳମିତ୍ରମାନଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୪/୧୦ (ନି.ପ୍ର): କଟକ ଜିଲ୍ଲା ପ୍ରତାପନଗରୀ ସ୍ଥିତଜଳ ଓ ଭୂମି ପରିଚାଳନା ପ୍ରତିଷ୍ଠାନ(ୱାଲମୀ) ତରଫରୁ ଜଳମିତ୍ରମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଭିନ୍ନ ଜିଲ୍ଲାରେ ଆୟୋଜନ କରାଯାଉଛି । ୱାଲମୀର ନିର୍ଦ୍ଦେଶକ ଇଂ ରାଜକିଶୋର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲୁରହିଛି ।ଏହି ପରିପ୍ରେକ୍ଷୀରେ ଆଜି ମୟୂରଭଞ୍ଜ ଜିଲ୍ଲାର ରରୁଆଁ ବ୍ଲକର ୩୪ ଜଣ ଜଳମିତ୍ରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନକରାଯାଇଛି ।ମୟୂରଭଞ୍ଜ ଜିଲ୍ଲାରେ ୨୦୦୦ ରୁ ଉର୍ଦ୍ଧ୍ୱ ଜଳମିତ୍ରମାନଙ୍କ ପାଇଁ ପ୍ରଶିକ୍ଷଣ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଆୟୋଜନ କରିବା ପାଇଁ ୱାଲମୀ ତରଫରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୱାଲମୀ ଦ୍ୱାରା ଜଳମିତ୍ରମାନଙ୍କ ପାଇଁ ଦୁଇ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଗତ ସୋମବାର ଦିନ ମୟୂରଭଞ୍ଜ ଜିଲ୍ଲାର ବଡସାହି ଓ ରରୁଆଁ ବ୍ଲକର ପଂଚାୟତ ସମିତି ସଭାଗୃହଠାରେ ଆୟୋଜନ କରାଯାଇଥିଲା। ରରୁଆଁବ୍ଲକର ବିଡିଓ ଶ୍ରୀ ପ୍ରେମାନନ୍ଦ ବେହେରା ଏବଂ ବଡସାହି ବ୍ଲକର ବିଡିଓ ଶ୍ରୀମତୀ ବନଜା ଦାସପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସେମାନଙ୍କୁ ଉତ୍ସାହିତ କରିଥିଲେ । ୱାଲମୀର ପ୍ରାଧ୍ୟାପକ (ଯାନ୍ତ୍ରିକ) ମନିଷା ମନସ୍ୱିନୀ ରାଉତ, ପ୍ରଧାନ ପ୍ରଶିକ୍ଷଣ ସଂଯୋଜକ ପ୍ରଫେସର ସୁଧନ୍ୱାପାତ୍ର, ସହଯୋଗୀ ପ୍ରାଧ୍ୟାପକ (ଯାନ୍ତ୍ରିକ) ଇଂ ଇତିଶ୍ରୀ ମିଶ୍ର, , ଉପନିର୍ଦ୍ଦେଶିକାଇଂ ସୁପ୍ରିୟା ସାହୁ, ଶ୍ରୀମତୀ ରୋଜି ତ୍ରିପାଠୀ ଓ ଇଂ ମାନସ ସ୍ୱାଇଁ ଆଦି କର୍ମକର୍ତ୍ତାମାନେ ବିଭିନ୍ନ ଦାୟିତ୍ୱ ନିର୍ବାହ କରି ରାଜ୍ୟରେ ଜଳମିତ୍ରମାନଙ୍କ ପ୍ରଶିକ୍ଷଣଏବଂ ସବୁଜ ଜଳବାୟୁ ପାଣ୍ଠି ପ୍ରକଳ୍ପ ଅନ୍ତର୍ଗତ ଗ୍ରାମ ମାନଙ୍କରେ ବସବାସ କରୁଥିବା କୃଷକମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟର ସଂପାଦନାକରୁଛନ୍ତି । ସେହିପରି ଏହିପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ବଲପୁର ଜିଲ୍ଲାର ଯୁଜୁମୋରା, ଜମନକିରା ଓ ମାନେଶ୍ୱର ବ୍ଲକର ପଂଚାୟତ ସମିତି ସଭାଗୃହ ଠାରେ ଆୟୋଜନ କରାଯାଉଅଛି ।

## ଓଡ଼ିଶାରେ ପ୍ରଥମ ଥର ପାଇଁ ହୃତପିଣ୍ଡ ପ୍ରତିରୋପଣ ନିମନ୍ତେ ସ୍ୱାକ୍ଷର ହେଲା ବୁଝାମଣାପତ୍ର

ଭୁବନେଶ୍ୱର, ୨୪/୧୦ (ନି.ପ୍ର): ଆଜି ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି । ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ପ୍ରତିରୋପଣ ଆରମ୍ଭ କରିବା ପାଇଁ ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ଏବଂ ଚେନ୍ନାଇସ୍ଥିତ ଏମ୍‌ଜିଏମ୍ ହେଲଥ୍‌କେୟାର ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟପାର, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷଠାରେ ସ୍ୱାକ୍ଷରିତ ହୋଇଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଲୋକହିତୈଷୀ ସରକାର ଓଡ଼ିଶାବାସୀଙ୍କୁ ଗୁଣାତ୍ମକ ଓ ସୁଲଭ ଚିକିତ୍ସାସେବା ଯୋଗାଇଦେବା ପାଇଁ ପ୍ରତିବଦ୍ଧ । ଆଜିର ବୁଝାମଣାପତ୍ର ତା'ର ଏକ ଜ୍ୱଳନ୍ତ ଉଦାହରଣ । ଏହି ଐତିହାସିକ ପଦକ୍ଷେପ ଦ୍ୱାରା ଓଡ଼ିଶାବାସୀ, ବିଶେଷ କରି ଗରିବ ରୋଗୀମାନେ ଉପକୃତ ହେବେ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ ଉଲ୍ଲେଖ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍‌ପିଟାଲ୍‌ରେ ଅଦ୍ୟାବଧି ବୃକକ୍, ଅସ୍ଥିମଜ୍ଜା ଓ ଯକୃତ ପ୍ରତିରୋପଣ ହେବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଥିବାରୁ ଏମ୍‌ଜିଏମ୍ ହେଲଥ୍ କେୟାର ଏସ୍‌ସିବିରେ ହୃତପିଣ୍ଡ ପ୍ରତିରୋପଣ କରିବା ପାଇଁ ସମ୍ମତି ପ୍ରକାଶ କରିଛି । ଏସ୍‌ସିବିରେ ପ୍ରଥମ ଦଶଜଣଙ୍କ ହୃତପିଣ୍ଡ ପ୍ରତିରୋପଣ ସଂପୂର୍ଣ୍ଣ ମାଗଣାରେ କରାଯିବ । ଏହା ମଧ୍ୟରେ ଏମ୍‌ଜିଏମ୍ ହେଲଥ୍ କେୟାର ଓଡ଼ିଶାର ଦୁଇଟି ଡାକ୍ତରୀ ଦଳକୁ ବିନାଦେୟରେ ତାଲିମ ଦେଇଛି । ପ୍ରଥମେ ଏସ୍‌ସିବିରେ ଏମ୍‌ଜିଏମ୍ ହେଲଥ୍ କେୟାରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୃତପିଣ୍ଡ ପ୍ରତିରୋପଣ କରାଯିବ । ଏସ୍‌ସିବିର ଡାକ୍ତରମାନେ ଏହି କାର୍ଯ୍ୟରେ ପାରଙ୍ଗମ ହେଲା ପରେ ନିଜ ଦଳ ନେଇ ହୃତପିଣ୍ଡ ପ୍ରତିରୋପଣ କରିବେ । ଏହା ଦ୍ୱାରା ଓଡ଼ିଶା ଲୋକଙ୍କୁ ଏହି ଚିକିତ୍ସା ପାଇଁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ ।

ମନ୍ତ୍ରୀ ଡ. ମହାଲିଙ୍ଗ, କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍‌ଙ୍କ ଉପସ୍ଥିତିରେ ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡା. ସନ୍ତୋଷ ମିଶ୍ର ଏବଂ ଏମ୍‌ଜିଏମ୍ ହେଲଥ୍ କେୟାର ପକ୍ଷରୁ ଡା. ସୁରେଶ ରାଓ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ସିବିର ପ୍ରଫେସର ଡା. ମନୋଜ କୁମାର ପଟ୍ଟନାୟକ, ପ୍ରଫେସର ଡା. ସୁର କିଶୋର ମିଶ୍ର ଓ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ଆଠଗାଁ ଉଚ୍ଚ ବିଦ୍ୟାଳୟଠାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ

ବଲାଙ୍ଗୀର, ୨୪/୧୦ (ନି.ପ୍ର): ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁସାରେ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଡକ୍ଟର ପବିତ୍ର ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆଜି ଆଠଗାଁ ଉଚ୍ଚ ବିଦ୍ୟାଳୟ ଠାରେ ସ୍ୱାକ୍ଷରତା କ୍ଲବର ଛାତ୍ରଛାତ୍ରୀ ସଦସ୍ୟଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହେଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀ ପବିତ୍ରାନନ୍ଦ ପ୍ରଧାନ, ନ୍ୟାୟିକ ଅଧିକାରୀ ଅର୍ଘ୍ୟରୂପା ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଧ୍ରୁବ ଚରଣ ବେହେରା, ସ୍କୁଲ ପ୍ରଧାନ ଶିକ୍ଷକ ରୋହିତାସ୍ୱ ଯୋଶୀ ଏବଂ ଏବଂ ସମସ୍ତ ଛାତ୍ରଛାତ୍ରୀଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ। ସମସ୍ତ ମଂଚାସୀନ ଅଧିକାରୀ ସାମ୍ବିଧାନିକ ଅଧିକାର, ମୌଳିକ ଅଧିକାରୀ ଏବଂ ଆଇନ ବିଷୟରେ ଅବଗତ କରାଇଥିଲେ। ଏଥିସହିତ ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ନିଶୁଳ୍କ ସହାୟତା ନମ୍ବର ୧୫୧୦୦ ବିଷୟରେ ଅବଗତ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଶେଷରେ ସଙ୍ଗୀତ ପରିବେଷଣ କରିଥିଲେ।

## ମା' ଗଜଲକ୍ଷ୍ମୀ ପୂଜା ଏବଂ କଂସ ଦରବାର ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ

କନ୍ଧମାଳ, ୨୪/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦର ମହକୁମା ର ଏଲବିଏସ କ୍ଲବ କୁମ୍ଭାରପଡା ଫୁଲବାଣୀ ପକ୍ଷରୁ ଆୟୋଜିତ ମା ଗଜଲକ୍ଷ୍ମୀ ପୂଜା ଏବଂ କଂସ ଦରବାର ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ଡ୍ୟାନ୍ସ ଧମାକା ଏବଂ ସଙ୍ଗୀତ ସାଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ରକ୍ତ ଦାତା ତଥା ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ କୁମ୍ଭାରପଡା ଲାଲ୍ମା ବାହାଦୁର ଶାସ୍ତ୍ରୀ ଯୁବକ ସଂଘ ଦ୍ୱାରା ଗତ ୨୦୧୩ ମସିହା ଠାରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ କରି ଆଜି ସାତ ଆଠଦିନ ଧରି ରାବଣ ଦରବାର ଓ କଂସ ଦରବାର ଭଳି ବଡ ବଡ ସାଂସ୍କୃତିକ କାର୍ଯ୍ୟକ୍ରମ ର ଆୟୋଜନ କରିବା ସହିତ ସ୍ଥାନୀୟ ନୃତ୍ୟ ଓ କଣ୍ଠଶିଳ୍ପୀ ମାନଙ୍କୁ ମଧ ସେମାନଙ୍କ କଳା ପରିବେଷଣ ପାଇଁ ସୁଯୋଗ ଦେଉଛନ୍ତି। ଯାହା ଫୁଲବାଣୀ ପାଇଁ ଏକ ଗର୍ବ ଓ ଗୌରବ ର ବିଷୟ ବୋଲି କହିବା ସହିତ ଏହାକୁ ଆହୁରି ଅଧିକ ବଡ ଧରଣର ହେଉ ବୋଲି କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଆଦିତ୍ୟ ପ୍ରସାଦ ତ୍ରିପାଠୀ ଏବଂ ସୁନୀଲ ବିଷୋୟୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ । କ୍ଲବ ସଭାପତି, ସଦସ୍ୟ ଓ ସଦସ୍ୟାଙ୍କ ମିଳିତ ସହଯୋଗରେ ପ୍ରତ୍ୟକ ଦିନ କଂସ ଦରବାର ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସପ୍ତାହ ବ୍ୟାପୀ ପରିଚାଳିତ କରାଯାଇ ପାରୁଛି। ଏହି କାର୍ଯ୍ୟକ୍ରମକୁ କୁମ୍ଭାର ପଡା ସମେତ ଆଖ ପାଖ ଅଂଚଳର ହଜାର ହଜାର ଶ୍ରଦ୍ଧାଳୁ ମାଁଙ୍କ ଆଶିର୍ବାଦ ପାଇବା ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶ୍ରଦ୍ଧା ଏବଂ ଶାନ୍ତି ଶୃଙ୍ଖଳାର ସହ ଉପଭୋଗ କରିଥିଲେ। ଏହି ଅବସରରେ ୧୭୦ ଥର ରକ୍ତଦାନ ପାଇଁ ବିଶିଷ୍ଟ ରକ୍ତଦାତା ପ୍ରଶାନ୍ତ କୁମାର ବେହେରାଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯୁବକ ସଂଘ ର ସଭାପତି ଧନ୍ୟବାଦ୍ ଅର୍ପଣ କରିଥିଲେ। ପରେ ପରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ କୁନି କୁନି କଳାକାର ମାନେ ସେମାନଙ୍କ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ।

## ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସମୀକ୍ଷା

ଜୟପୁର, ୨୪/୧୦ (ନି.ପ୍ର): କୋରାପୁଟ ମୁଖ୍ୟ ଉନ୍ନୟନ ଅଧିକାରି ତଥା ଜିଲା ପରିଷଦର କାର୍ଯ୍ୟ ନିବାହୀ ଅଧିକାରି ଦେବାଶିଷ ପଟ୍ଟନାୟକ ଆଜି ସମୀକ୍ଷା କରିଛନ୍ତି। ଜୟପୁର ବ୍ଲକ ସଭାଗୃହରେ ସମୀକ୍ଷା କରିଛନ୍ତି । କେନ୍ଦ୍ରୀୟ ଅର୍ଥ କମିଶନ, ରାଜ୍ୟ ଅର୍ଥ କମିଶନ, ଗ୍ରାମୀଣ ଆବାସ ଯୋଜନା, ସ୍ୱଚ୍ଛ ଭାରତ ମିଶନ ସମିକ୍ଷା କରିଛନ୍ତି । ବିଡିଓ ଶକ୍ତି ମହାପାତ୍ର ,ଏବିଡିଓ ମନୋଜ ନାୟକ, ଅତିରିକ୍ତ ନିର୍ବାହି ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର ,ଜିପିଓ ଭଗିରିଥି ନାୟକ ,ଏପିଓ ସନ୍ତୋଷି ମହାପାତ୍ର, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ବ୍ଲକ ସ୍ୱଚ୍ଛ ଭାରତ କୋଡିନେଟର ଜୟଦ୍ରଥ କନ୍ଦପାନ, ବ୍ଲକ ଆବାସ କୋଡିନେଟର ତୁଳାରାମ ଭତ୍ରା ଙ୍କ ସହ ପିଇଓ ,ଜିଆରଏସ ମାନେ ଉପସ୍ଥିତ ଥିଲେ । ସମୟ ସିମା ଭିତରେ ସମସ୍ତ ଲକ୍ଷ୍ୟ ପୂରଣ କରିବାକୁ ନିର୍ଦ୍ଦେଶ ଦେବା ସହ କ୍ଷେତ୍ର ପରିଦର୍ଶନ କରିଥିଲେ ।

# ନିଜ ଝିଅକୁ ସାହସୀ ଓ ସଫଳ କରାଇବା ପାଇଁ ଜଣେ ବାପାର ୭ଟି ଭୂମିକା



ପ୍ରାୟତଃ ଝିଅମାନଙ୍କର ଲାଳନପାଳନର ଦାୟିତ୍ୱ ମା'ଙ୍କ ଉପରେ ପଡିଥାଏ। ଆଜିକାଲି କିନ୍ତୁ ସମୟ ବଦଳିଯାଇଛି। ଝିଅମାନଙ୍କର ସାମଗ୍ରିକ ବିକାଶ ପାଇଁ ବାପାଙ୍କ ଭୂମିକା ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ଖାଲି ମା' ନୁହେଁ, ବାପା ଯଦି ଝିଅର ଯତ୍ନ ନେବାରେ ସକରାତ୍ମକ ଭାବେ ସହଯୋଗ କରିବେ ତେବେ ଝିଅଟି ମଧ୍ୟ ବିକାଶରେ ବହୁ ଆଗକୁ ଯାଇପାରିବ। ପ୍ରାୟତଃ ଝିଅମାନଙ୍କର ଲାଳନପାଳନର ଦାୟିତ୍ୱ ମା'ଙ୍କ ଉପରେ ପଡିଥାଏ। ଆଜିକାଲି କିନ୍ତୁ ସମୟ ବଦଳିଯାଇଛି। ଝିଅମାନଙ୍କର ସାମଗ୍ରିକ ବିକାଶ ପାଇଁ ବାପାଙ୍କ ଭୂମିକା ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ଖାଲି ମା' ନୁହେଁ, ବାପା ଯଦି ଝିଅର ଯତ୍ନ ନେବାରେ ସକରାତ୍ମକ ଭାବେ ସହଯୋଗ କରିବେ ତେବେ ଝିଅଟି ମଧ୍ୟ ବିକାଶରେ ବହୁ ଆଗକୁ ଯାଇପାରିବ। ଏଠାରେ ଆମେ କହୁଛୁ ଯେ ଜଣେ ବାପାର ଭୂମିକା ଝଅମାନଙ୍କ ବ୍ୟକ୍ତିତ୍ୱ ଉପରେ କେତେ ପ୍ରଭାବ ପକାଇଥାଏ ଏବଂ ଜଣେ ବାପା ଝିଅକୁ ଜଣେ ଉନ୍ନତ ତଥା ସଫଳ ବ୍ୟକ୍ତି କରିବାରେ କିପରି ଏକ ବିଶେଷ ଭୂମିକା ଗ୍ରହଣ କରିପାରିବ। ତେବେ ଝିଅର ଲାଳନ ପାଳନରେ ଜଣେ ବାପାର ଭୂମିକା କା'ଣ ହେବା ଜରୁରୀ ଆସନ୍ତୁ ଜାଣିନେବା।

***ମା' ସହିତ ଭଲ ଆଚରଣ:***

ଜଣେ ବାପା ଝିଅର ପ୍ରଥମ ପ୍ରେମ ହୋଇଥାଏ। ଝିଅମାନେ ନିଜ ପିତାଙ୍କୁ ଦୁନିଆର ସର୍ବୋତ୍ତମ ବ୍ୟକ୍ତି ବୋଲି ଭାବନ୍ତି। ବାପା ହିଁ ଝିଅର ରୋଲ୍ ମଡେଲ୍ ହୋଇଥାନ୍ତି। ଏପରି ପରିସ୍ଥିତିରେ, ଯେତେବେଳେ ମା' ସହିତ ଆପଣଙ୍କ ଆଚରଣର କଥା ଆସେ, ଏହା ଜାଣିବା ଅତ୍ୟନ୍ତ ଜରୁରୀ ଯେ ଆପଣ ନିଜ ପତ୍ନୀଙ୍କ ସହିତ ଯେପରି ବ୍ୟବହାର କରିବେ ଆପଣଙ୍କ ଝିଅ ମଧ୍ୟ ଅନ୍ୟ ଲୋକଙ୍କ ବିଷୟରେ ମଧ୍ୟ ସମାନ ଚିନ୍ତାଧାରା ରଖିବ। ବାପା-ମାଆଙ୍କ ସମ୍ପର୍କ ମଧ୍ୟ ଝିଅର ବୈବାହୀକ ଜୀବନକୁ ବହୁତ ପ୍ରଭାବିତ କରିଥାଏ। ତେଣୁ ଯଦି ଆପଣ ଝିଅର ମା' ସହିତ ଉତ୍ତମ ବ୍ୟବହାର କରନ୍ତି ଏହା ତା'ର ବୈବାହୀକ ଜୀବନରେ ଖୁସି ଆଣିବ।

***ଜଣେ ଭଲ ଶ୍ରୋତା ହେବା:***

ପ୍ରତ୍ୟେକ ବାପା ନିଜ ଝିଅର ସୁରକ୍ଷାକୁ ପ୍ରାଥମିକତା ଭାବରେ ଗ୍ରହଣ କରନ୍ତି। ପିଲାଦିନରେ ତ ଅମାନେ ସବୁକିଛି ଅତି ସହଜରେ ବାପାଙ୍କୁ ଶେୟାର କରନ୍ତି, କିନ୍ତୁ ବୟସ ବଢିବା ସହିତ ସେମାନେ ସବୁକିଛି କହିବାରେ ଦ୍ୱିଧା ଅନୁଭବ କରନ୍ତି। ଏପରି ପରିସ୍ଥିତିରେ, ଏହା ଜରୁରୀ ଯେ ସେମାନଙ୍କୁ ସବୁ କଥା ଉପରେ ପରାମର୍ଶ କିମ୍ବା ଜ୍ଞାନ ଦେବା ପରିବର୍ତ୍ତେ, ସେମାନଙ୍କୁ ସବୁ କଥାକୁ ନେଇ ଆଲୋଚନା କରିବାର ସୁଯୋଗ ଦିଅନ୍ତୁ। ଯଦି ଆପଣ ଜଣେ ଭଲ ଶ୍ରୋତା ହୋଇ ସେମାନଙ୍କ କଥା ଶୁଣନ୍ତି ଏବଂ ସେମାନଙ୍କର ଭାବନାକୁ ବୁଝନ୍ତି, ତେବେ ଆପଣ ସେମାନଙ୍କୁ ଏକ ଉତ୍ତମ ଉପାୟରେ ସାହାଯ୍ୟ କରିବାକୁ ସମର୍ଥ ହେବେ।

***ସହଯୋଗୀ ହେବା:***

ଛୋଟ ପିଲାମାନଙ୍କର ସମସ୍ୟା ହେଉଛି ଯେ ବାପାମାଆ ସେମାନଙ୍କର ପ୍ରତ୍ୟେକ କାମରେ ଦୋଷ ଖୋଜନ୍ତି, କିନ୍ତୁ ଯଦି ଆପଣ ଜଣେ ଭଲ ବାପା ହେବାକୁ ଚାହାଁନ୍ତି ତେବେ ଆପଣଙ୍କ ଝିଅର କାମକୁ ମଧ୍ୟ ପ୍ରଶଂସା କରନ୍ତୁ। ପ୍ରତ୍ୟେକ ଝିଅଙ୍କ ପାଇଁ, ତାଙ୍କ ବାପାଙ୍କଠାରୁ ମିଳୁଥିବା ସକରାତ୍ମକ ମତାମତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ମଧ୍ୟ ଆଗକୁ ବଢିବାକୁ ସାହସ ଦେଇଥାଏ।

***ଶଉକ ପ୍ରତି ଆଗ୍ରହ:***

ଆପଣଙ୍କ ଆଚରଣ ମାଧ୍ୟମରେ, ଝିଅମାନଙ୍କୁ ଅନୁଭବ କରେଇବା ଉଚିତ ଯେ ଆପଣ ମଧ୍ୟ ସେମାନଙ୍କ ଶଉକ ପ୍ରତି ଆଗ୍ରହୀ। ଉଦାହରଣ ସ୍ୱରୂପ, ସ୍କୁଲ୍ ?ରେ କ'ଣ ପଢା ହେଲା ପଚାରିବା ପରିବର୍ତ୍ତେ, ଆପଣ ପଚାରିପାରିବେ କ୍ଲାସ୍ ?ରେ କିଛି ମଜା ହେଲା ନା ନାହିଁ। ଯଦି ଆପଣଙ୍କ ଝିଅ ସଂଗୀତ ଇତ୍ୟାଦି ପ୍ରତି ଆଗ୍ରହ ଦେଖାଉଛି, ତେବେ ଆପଣ ମଧ୍ୟ ତା'ର ଏହି ଆଗ୍ରହକୁ ପ୍ରଶଂସା କରନ୍ତୁ ଏବଂ ଜଡିତ ରୁହନ୍ତୁ।

***ସହଯୋଗ କରିବା:***

ପ୍ରତ୍ୟେକ ଝିଅମାନଙ୍କ ପାଇଁ ବାପାଙ୍କ ସମର୍ଥନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ସେମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସମର୍ଥନ କରନ୍ତି ଏବଂ ସେମାନଙ୍କୁ ଆଗକୁ ବଢିବାକୁ ଉତ୍ସାହିତ କରନ୍ତି, ତେବେ ଏହା ସେମାନଙ୍କୁ ଜୀବନରେ ଆଗକୁ ବଢିବାକୁ ମାନସିକ ସ୍ତରରେ ପ୍ରସ୍ତୁତ କରିବ ଏବଂ ସେମାନେ ସମସ୍ତ ପ୍ରକାରର ସମସ୍ୟାର ମୁକାବିଲା ପାଇଁ ନିଜକୁ ପ୍ରସ୍ତୁତ କରିବେ।

***ଉତ୍ସାହିତ କରିବା:***

ନିଜ ଝିଅକୁ ସମସ୍ୟାର ମୁକାବିଲା କରିବାର ସାହସ ଦିଅନ୍ତୁ, ସମସ୍ତ ବାଧାବିଘ୍ନକୁ ଦୂର କରିବାକୁ ସାହସ ଦିଅନ୍ତୁ, ସେମାନଙ୍କ ଲକ୍ଷ୍ୟ ହାସଲ କରିବା ଏବଂ ନିଜକୁ ଆଗକୁ ବଢିବାକୁ ପ୍ରସ୍ତୁତ କରିବାର ଉପାୟ କହି ଆପଣ ଜଣେ ଭଲ ବାପା ହେବାର ଦାୟିତ୍ୱକୁ ଭଲ ଭାବରେ ପୂରଣ କରିପାରିବେ।

***ନିଜକୁ ସ୍ୱତନ୍ତ୍ର କରାଇବା:***

ଏଠାରେ ମନେରଖିବା ଜରୁରୀ ଯେ ସମୟ ଶୀଘ୍ର ଗତି କରୁଛି ଏବଂ ଝିଅମାନେ, ଯେଉଁମାନେ ଆଜି ଛୋଟ ଅଛନ୍ତି ସେମାନେ ଆସନ୍ତାକାଲି ନିଜ ପାଦରେ ଠିଆ ହେବେ। ତେଣୁ ସେମାନଙ୍କୁ ଭରପୂର ପ୍ରେମ ଦିଅନ୍ତୁ, ବିଭିନ୍ନ ସମୟରେ ଉପହାର ମଧ୍ୟ ଦିଅନ୍ତୁ, ସେମାନଙ୍କ ସହ କିଛି ଭଲ ସମୟ କାଟନ୍ତୁ, ସେମାନଙ୍କ ସହିତ ଖେଳନ୍ତୁ। ଏହି ସ୍ମୃତିଗୁଡ଼ିକ ଆପଣଙ୍କ ଜୀବନର ବନ୍ଧନକୁ ଦୃଢ ରଖିବ ଏବଂ ଅସୁବିଧା ସମୟରେ ସାହସ ଯୋଗାଇବ।

# ଘରେ ଚଟାପଟ ପ୍ରସ୍ତୁତ କରନ୍ତୁ ଚିକେନ ପିଆଜ କଷା



ଆବଶ୍ୟକ ସାମଗ୍ରୀ: ଚିକେନ, କଟା ପିଆଜ, ହଳଦୀ ଗୁଣ୍ଡ, ଲୁଣ, ଲଙ୍କାଗୁଣ୍ଡ, କଟା ଟମାଟୋ, ତେଲ, ଗରମ ମସଲା ଓ କଞ୍ଚା ଲଙ୍କା ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଜାରରୁ କିଛି ଚିକେନ ଆଣନ୍ତୁ। ତାକୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ କଟା ପିଆଜ ପକାନ୍ତୁ। ପିଆଜ ଭଲଭାବରେ ଭାଜି ହେବା ପରେ କଟା କଞ୍ଚା ଲଙ୍କା ଓ ଚିକେନ ପକାଇ କଷନ୍ତୁ। ଏହାପରେ ହଳଦୀ ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଲଙ୍କାଗୁଣ୍ଡ, କଟା ଟମାଟୋ ପକାଇ ଭଲ ଭାବେ ଗୋଳାନ୍ତୁ। ଚିକେନ ଭଲ ଭାବରେ କଷି ହୋଇଗଲା ପରେ ସେଥିରେ ଅଳ୍ପ ପାଣି ଦେଇ ତାକୁ ଘୋଡ଼ାଇ ଦିଅନ୍ତୁ। ଚିକେନରୁ ପାଣି ମରିଗଲା ପରେ ଗରମ ମସଲା ପକାଇ ତାକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ ପିଆଜ କଷା।

# ବାସ୍ତୁ ଦୋଷ ଦୂର କରେ ସିନ୍ଦୂର

ସିନ୍ଦୂରରେ ରହିଛି ଅପୂର୍ବ ଶକ୍ତି । ମହିଳାଙ୍କର ଏହା ପରିଚୟ ସୃଷ୍ଟି କରିଥିବାବେଳେ ଦେବୀ ତାଙ୍କ ମଥାରେ ସିନ୍ଦୂରରେ ମାନବ ଜାତିକୁ ଆର୍ଶୀବାଦ ବର୍ଷା କରିଥାନ୍ତି । ପୁଣି ଏହି ସିନ୍ଦୂରର ବ୍ୟବହାର ଯୋଗୁ ଘରୁ ନକାରାତ୍ମ ଶକ୍ତି ଦୂର ହୋଇ ସକାରାତ୍ମକ ଶକ୍ତି ପ୍ରବେଶ କରେ । ଅନେକ ଶୁଭଫଳ ଏହାଦ୍ୱାରା ପ୍ରାପ୍ତ ହୋଇଥାଏ ।



♦ବାସ୍ତୁ ଶାସ୍ତ୍ର ଅନୁସାରେ ଦୁଆରରେ ତେଲ ଓ ସିନ୍ଦୂରକୁ ମିଶାଇ ଲଗାଇଲେ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିପାରେ ନାହିଁ । ଏହାସହ ମାତା ଲକ୍ଷ୍ମୀ ମଧ୍ୟ ପ୍ରସନ୍ନ ହୋଇଥାନ୍ତି । ଏହା ଘରର ସମସ୍ତ ବାସ୍ତୁ ଦୋଷ ଦୂର କରିବାରେ ସହାୟକ ହୋଇଥାଏ ।

♦ଯଦି କୌଣସି ଆର୍ଥିକ ସମସ୍ୟାରୁ କଷ୍ଟ ଭୋଗୁଥାନ୍ତି, ଏକ ନଡ଼ିଆରେ ସିନ୍ଦୂର ଲଗାଇ ଏହାକୁ ଏକ ରଙ୍ଗ କପଡ଼ାରେ ବାନ୍ଧି ପୂଜା କରନ୍ତୁ । ଏହାଦ୍ୱାରା ମାତା ଲକ୍ଷ୍ମୀ କୃପା କରିବେ ଓ ଆର୍ଥିକ ସମସ୍ୟା ଦୂରେଇ ଯିବେ ।

♦ମଙ୍ଗଳ ଗ୍ରହ ଅଶାନ୍ତି ଥିଲେ ପାଣିରେ ସିନ୍ଦୂର ଭସାଇ ଦିଅନ୍ତୁ । ଏହା ଦ୍ୱାରା ଗ୍ରହ ଦୋଷ ଦୂର ହୋଇଯିବ ।

# ଗୁରୁବାରେ ବୃହସ୍ପତି ବ୍ରତ

ମାନସିକ ଚିନ୍ତା ଓ ସମସ୍ୟା ଦେଇ ଗତି କରୁଥିଲେ ଗୁରୁବାର ଦିନ ବୃହସ୍ପତି ବ୍ରତ କରନ୍ତୁ । ଏହାଦ୍ୱାରା ବୃହସ୍ପତିଙ୍କ କୃପାରୁ ଆପଣଙ୍କର ମାନସିକ ଚିନ୍ତା ଦୂର ହୋଇ ସୁଖ ଶାନ୍ତି ବୃଦ୍ଧି ପାଇବ ।




■ ଗୁରୁବାର ଦିନ ଗୁରୁ ବା ବୃହସ୍ପତି ଗ୍ରହର ବ୍ରତ ରଖିବ, ସୂର୍ଯ୍ୟ ଉଦୟ ପୂର୍ବରୁ ସ୍ନାନ କରିସାରିବା ପରେ ହଳଦିଆ ରଙ୍ଗର ବସ୍ତ୍ର ପରିଧାନ କରନ୍ତୁ । ବ୍ରତଧାରୀ ଲୁଣ ପଡ଼ି ନଥିବା ଖାଦ୍ୟ ଖାଆନ୍ତୁ । ହଳଦିଆ ରଙ୍ଗର ଖାଦ୍ୟ ଯଥା ଖେଚୁଡ଼ି, ଆମ୍ବ, କଦଳୀ ଆଦି ଖାଇବେ ।

■ ପୂଜା କରିବା ସମୟରେର ଏକ ଚୌକିରେ ହଳଦିଅ ରଙ୍ଗ କପଡ଼ା ବିଛାଇ, ତାହା ଉପରେ ବୃହସ୍ପତିଙ୍କ ମୂର୍ତ୍ତି କିମ୍ବା ଫଟୋ ରଖି ପୂଜା କରନ୍ତୁ ।

■ ହଳଦିଆ ଚନ୍ଦନ, ହଳଦୀ ଚାଉଳ, ହଳଦିଆ ରଙ୍ଗର ଫୁଲ ଓ ହଳଦିଆ ରଙ୍ଗର ଲଡୁ ପୂଜାରେ ବ୍ୟବହାର କରନ୍ତୁ । ଏହାସହ ଗୁରୁବାର ବ୍ରତ କଥା ପଢ଼ନ୍ତୁ କିମ୍ବା ଶୁଣନ୍ତୁ ।

■ ପୂଜା ସଂମ୍ପୂର୍ଣ୍ଣ ହେବା ପରେ ନିଜ ମୁଣ୍ଡରେ ହଳଦୀ ତିଲକ ଲଗାଇଲେ ଶୁଭ ଫଳ ମିଳିଥାଏ ।

■ 'ଓଁ ବୃହସ୍ପତି ନମଃ' ମନ୍ତ୍ର ୧୦୮ ଥର ଜପ କରନ୍ତୁ ।

■ ହଳଦୀ, ଚଣା ଡାଲି, ଆମ୍ବ କଦଳୀ, ସୁନା ପରି ହଳଦିଆ ରଙ୍ଗର ପଦାର୍ଥ ଗରିବଙ୍କୁ ଦାନ କରନ୍ତୁ ।

■ ଗୁରୁବାର ଦିନ ଗୋମାତାଙ୍କୁ ରୁଟି ଓ କଞ୍ଚା ଚଣାଡାଲି ମିଶାଇ ଖାଇବାକୁ ଦିଅନ୍ତୁ ।

■ ଏହିଦିନ ହଳଦୀ ମିଶା ପାଣି କଦଳୀ ଗଛ ମୂଳରେ ଢାଳନ୍ତୁ ।

■ ଏହାପରେ ସନ୍ଧ୍ୟା ସମୟରେ କଦଳୀ ଗଛ ମୂଳରେ ଘିଅ ଦୀପ ଜଳାନ୍ତୁ ।

ଏହାଦ୍ୱାରା ବୃହସ୍ପତି ପ୍ରସନ୍ନ ହୋଇଥାନ୍ତି ।

# ମହିଳାଙ୍କ ମାଂସପେଶୀ ବୃଦ୍ଧିରେ ସହାୟକ ବ୍ଲୁବେରି



ବ୍ଲୁବେରିଯୁକ୍ତ ଖାଦ୍ୟରେ ଥିବା ସେରମ୍ କିଭଳି ଭାବେ ମହିଳାଙ୍କ ମାଂସପେଶୀ ବୃଦ୍ଧି ଓ ମରାମତି ପାଇଁ ଦାୟୀ, ଏକ ସଦ୍ୟତମ ଅଧ୍ୟୟନ ତାହା ଯାଞ୍ଚ କରିଛି । ଅଧ୍ୟୟନ ଅନୁସାରେ, ୬ ସପ୍ତାହ ଧରି ବ୍ଲୁବେରିଯୁକ୍ତ ଖାଦ୍ୟ ଖାଇଥିବା ମହିଳାଙ୍କର ମାଂସପେଶୀ ପ୍ରୋଜେନିଟର କୋଷିକା କାର୍ଯ୍ୟକାରିତାରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଥିଲା । କର୍ନେଲ ୟୁନିଭର୍ସିଟିରେ ଏହି ଅଧ୍ୟୟନ ପରିଚାଳିତ ହୋଇଛି । ନ୍ୟୁଟ୍ରିସ୍ ନାମକ ପତ୍ରିକାରେ ଏହାର ଫଳାଫଳ ପ୍ରକାଶ ପାଇଛି । ୬ ସପ୍ତାହ ଧରି କରାଯାଇଥିବା ଏହି ଅଧ୍ୟୟନରେ ୨୨ ମହିଳା ଭାଗ ନେଇଥିଲେ । ୨୫-୪୦ ବର୍ଷୀୟା ୧୨ ଜଣ ଏବଂ ୬୦-୭୫ ବର୍ଷୀୟା ୧୦ ଜଣଙ୍କ ଉପରେ ଅଧ୍ୟୟନ କରାଯାଇଥିଲା । ନିୟମିତ ଖାଦ୍ୟ ସହିତ ସେମାନଙ୍କୁ ଦିନକୁ ସତେଜ ୧.୭୫ କପ୍ ବ୍ଲୁବେରି ଖାଇବାକୁ ଦିଆଗଲା । ପଲିଫେନଲ ଓ ଆନ୍‌ଥୋସିଆନିନ୍‌ଯୁକ୍ତ ଅନ୍ୟ ଖାଦ୍ୟ ନ ଖାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଗଲା । ସକାଳେ ବ୍ଲୁବେରି ଡୋଜ୍ ଖାଇବାର ଦେଢ଼ ଘଣ୍ଟା ପରେ ସେମାନଙ୍କଠାରୁ ସେରମ୍ ନିଆଗଲା । ଉକ୍ତ ସେରମ୍ କିଭଳି ଭାବେ ପ୍ରୋଲିଫରେସନ୍ କିମ୍ବା କୋଷିକା ସଂଖ୍ୟା ଜରିଆରେ ମାଂସପେଶୀ ପ୍ରୋଜେନିଟର କୋଷିକା କାର୍ଯ୍ୟକାରିତା ଉପରେ ପ୍ରଭାବ ପକାଏ, ଗବେଷକମାନେ ତା'ର ଯାଞ୍ଚ କଲେ । ଅକ୍ସିଡେଟିଭ୍ ଚାପ ଏବଂ ଅମ୍ଳଜାନ ଗ୍ରହଣ ହାର କିମ୍ବା ମେଟାବଲିଜମ୍ ନିୟନ୍ତ୍ରଣରେ ଏହାର ଦକ୍ଷତା ମଧ୍ୟ ଯାଞ୍ଚ କରାଗଲା । ଫଳାଫଳରୁ ଜଣାପଡ଼ିଲା, ୬ ସପ୍ତାହ ଧରି ବ୍ଲୁବେରି ଖାଇଥିବା ୨୫-୪୦ ବର୍ଷୀୟା ମହିଳାଙ୍କଠାରୁ ପ୍ରାପ୍ତ ବ୍ଲୁବେରି ସମୃଦ୍ଧ ସେରମ୍ ମାନବ କୋଷିକା ପ୍ରୋଜେନିଟର କୋଷିକା ସଂଖ୍ୟା ବୃଦ୍ଧି କରିଥିଲା । କିନ୍ତୁ ୬୦-୭୫ ବର୍ଷୀୟା ମହିଳାଙ୍କଠାରେ ଏହାର କୌଣସି ହିତକର ପ୍ରଭାବ ଦେଖାଯାଇନଥିଲା । ମାଂସପେଶୀ ପ୍ରୋଜେନିଟର ସେଲ୍ କାର୍ଯ୍ୟକାରିତା ଉପରେ ଏହି ପ୍ରାଥମିକ ଅଧ୍ୟୟନ ଚିକିତ୍ସକୀୟ ଉଦ୍ଭାବନ ଦିଗରେ ଭବିଷ୍ୟତ ଅଧ୍ୟୟନ ପାଇଁ ପଥ ପ୍ରଦର୍ଶକ ହେବ ବୋଲି ଅଧ୍ୟୟନର ମୁଖ୍ୟ ଯାଞ୍ଚକର୍ତ୍ତା ଆନା ଥାଲାକର ମରସର କହିଛନ୍ତି ।

# ଆପଣ କ୍ଷୀର ପିଇବାକୁ ନାପସନ୍ଦ କରନ୍ତି କି ? : ଏହି ୭ ଖାଦ୍ୟରୁ ପାଆନ୍ତୁ କ୍ୟାଲସିୟମ୍




କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍‌ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ। ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା।

କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ବହୁ ଲାଭଦାୟକ। କାରଣ କ୍ଷୀରରେ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ସହିତ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଭରପୂର ପରିମାଣରେ ଥାଏ। ଏହା ଶରୀରକୁ ଶକ୍ତିଶାଳୀ ଏବଂ ଉର୍ଜାବାନ କରିଥାଏ। ସେଥିପାଇଁ ପୋଷକ ବିଜ୍ଞାନୀ ବା ଡାକ୍ତରମାନେ ପିଲାମାନଙ୍କୁ କ୍ଷୀର ପିଇବା ପାଇଁ ପରାମର୍ଶ ଦିଅନ୍ତି।

କିନ୍ତୁ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, ଆପଣଙ୍କ ନିଜ ଖାଦ୍ୟରେ ଏମିତି କିଛି ଖାଦ୍ୟ ପଦାର୍ଥ (କ୍ୟାଲ୍ ?ସିୟମ୍ ରିଚ୍ ଡାଏଟ୍) ଅନ୍ତର୍ଭୁକ୍ତ କରି କ୍ୟାଲ୍‌ସିୟମ୍ ଅଭାବ ପୂରଣ କରିପାରିବେ। ଆସନ୍ତୁ ଏହିସବୁ ଖାଦ୍ୟ ବିଷୟରେ ଜାଣିବା।

କନ୍ଦମୂଳ: କନ୍ଦମୂଳରେ ପ୍ରଚୁର ପରିମାଣରେ କ୍ୟାଲ୍‌ସିୟମ୍ ଥାଏ। ଗୋଟିଏ ବଡ଼ ଆକାରର କନ୍ଦମୂଳରେ ପ୍ରାୟ ୬୮ ମିଲିଗ୍ରାମ କ୍ୟାଲ୍‌ସିୟମ୍ ଥାଏ। ଏହା ସହିତ ଭିଟାମିନ୍ ଏ, ଭିଟାମିନ୍ ବି ଏବଂ ପୋଟାସିୟମର ପରିମାଣ ମଧ୍ୟ ଯଥେଷ୍ଟ ଥାଏ। ଏପରି ପରିସ୍ଥିତିରେ, ଯଦି ଆପଣ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ, ତେବେ ଆପଣ କନ୍ଦମୂଳକୁ ଆପଣଙ୍କ ଖାଦ୍ୟର ଏକ ଅଂଶ କରିପାରିବେ।

ନାଣ୍ଡି ବଗୁଲି: ଦୁଇ ଚାମଚ ନାଣ୍ଡି ବଗୁଲିରେ ପ୍ରାୟ ୧୭୯ ମିଗ୍ରା କ୍ୟାଲସିୟମ୍ ଥାଏ। ଆପଣ କ୍ଷୀର ବଦଳରେ ନାଣ୍ଡି ବଗୁଲି ଖାଇପାରିବେ। ଏହା ସହିତ ନାଣ୍ଡି ବଗୁଲିରେ ବୋରନ୍ ମଧ୍ୟ ରହିଥାଏ, ଯାହା ଶରୀରକୁ କ୍ୟାଲ୍‌ସିୟମ୍ ଯୋଗାଇବା ସହିତ ଫସ୍‌ଫରସ୍ ଏବଂ ମ୍ୟାଗ୍ନେସିୟମ୍ ମେଟାବୋଲିଜିଂ କରି ହାଡ ଏବଂ ମାଂସପେଶୀର ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ।

ସୋୟା କ୍ଷୀର: ଆପଣ କ୍ଷୀର ବଦଳରେ ସୋୟା କ୍ଷୀର ମଧ୍ୟ ପିଇପାରିବେ। ସୋୟା କ୍ଷୀରରୁ ଗାଈ କ୍ଷୀର ପରି କ୍ୟାଲସିୟମ୍ ମିଳିଥାଏ। କେବଳ ଏତିକି ନୁହେଁ, ସୋୟା କ୍ଷୀରରେ ଭଲ ପରିମାଣରେ କ୍ୟାଲ୍‌ସିୟମ୍ କାର୍ବୋନେଟ୍ ଏବଂ ଭିଟାମିନ୍ ଡ ମଧ୍ୟ ଥାଏ। ଏହା ସହିତ ସୋୟା କ୍ଷୀରରେ ସନ୍ତୁଳିତ ଚର୍ବିର ପରିମାଣ କ୍ଷୀର ତୁଳନାରେ ବହୁତ କମ୍ ଥାଏ। ଯେଉଁ କାରଣରୁ ସୋୟା କ୍ଷୀର ଗାଈ କ୍ଷୀର ଅପେକ୍ଷା ସ୍ୱାସ୍ଥ୍ୟକର ବୋଲି ବିବେଚନା କରାଯାଏ।

ସୋୟା ପନିର: ସୋୟା ପନିରକୁ କ୍ୟାଲସିୟମର ଏକ ଉତ୍କୃଷ୍ଟ ଉତ୍ସ ଭାବରେ ବିବେଚନା କରାଯାଏ। କିନ୍ତୁ ଏଥିପାଇଁ ସୋୟା ପନିର୍ ଗୁଣ ପ୍ରତି ଧ୍ୟାନ ଦେବା ଜରୁରୀ କାରଣ ଏଥିରେ ଥିବା କ୍ୟାଲସିୟମର ପରିମାଣ ଏହାର ଗୁଣ ଉପରେ ନିର୍ଭର କରେ। ସାଧାରଣତଃ ଅଧା କପ୍ ସୋୟା ପନିରରେ ୨୭୫ ରୁ ୯୬୧ ମିଗ୍ରା କ୍ୟାଲ୍‌ସିୟମ୍ ରହିପାରେ।

କମଳା: ଆପଣ କ୍ୟାଲସିୟମ ପାଇଁ କମଳା ମଧ୍ୟ ଖାଇପାରିବେ। କମଳା ଭିଟାମିନ୍ ସି ଏବଂ କ୍ୟାଲ୍‌ସିୟମର ଏକ ପ୍ରମୁଖ ଉତ୍ସ। ଆପଣ ଏକ ବଡ଼ ଆକାରର କମଳାରୁ ପ୍ରାୟ ୭୪ ମିଗ୍ରା କ୍ୟାଲ୍‌ସିୟମ୍ ପାଇପାରିବେ। ତେଣୁ ଯଦି ଆମେ ଏକ ଗ୍ଲାସ୍ କମଳା ରସ ବିଷୟରେ କହିବା, ଏଥିରେ ଥିବା କ୍ୟାଲସିୟମ୍ ପରିମାଣ ୩୦୦ ମିଗ୍ରା ପର୍ଯ୍ୟନ୍ତ ହୋଇପାରେ।

ପେଶି: କ୍ୟାଲ୍‌ସିୟମ୍ ପାଇଁ ଆପଣ ନିଜ ଖାଦ୍ୟରେ ପେଶି ମଧ୍ୟ ଅନ୍ତର୍ଭୁକ୍ତ କରିପାରିବେ। ଗୋଟିଏ ଚାମଚ ପେଶିରେ ପ୍ରାୟ ୮୮ ମିଗ୍ରା କ୍ୟାଲସିୟମ ମିଳିଥାଏ। ଏହା ସହିତ ଏହା ଜିଙ୍କ୍ ଏବଂ କପରରେ ମଧ୍ୟ ଭରପୂର। ଏଭଳି ପରିସ୍ଥିତିରେ ଆପଣ ନିଜ ଖାଦ୍ୟରେ ପେଶିକୁ ଯେକୌଣସି ପ୍ରକାରେ ସାମିଲ କରିପାରିବେ ଏବଂ ଶରୀରରେ କ୍ୟାଲ୍‌ସିୟମ୍‌ର ଅଭାବ ପୂରଣ କରିପାରିବେ।




# ମାମଲା ରଫାଦଫା ପାଇଁ ବିଷ୍ଣୋଇ ସମ୍ପ୍ରଦାୟକୁ ଟଙ୍କା ଯାଚିଥିଲେ ସଲମାନ

ମାମଲା ରଫାଦଫା ପାଇଁ ବିଷ୍ଣୋଇ ସମ୍ପ୍ରଦାୟକୁ ଟଙ୍କା ଯାଚିଥିଲେ ସଲମାନ । ବଲିଉଡ ଅଭିନେତା ସଲମାନ ଖାନଙ୍କୁ ନେଇ ଏଭଳି ଦାବି କରିଛନ୍ତି ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ସମ୍ପର୍କୀୟ ଭାଇ ରମେଶ ବିଷ୍ଣୋଇ । ସେ କହିଛନ୍ତି ଯେ, ସଲମାନ ଖାନ କୃଷ୍ଣସାର ମୃଗ ଶିକାର କରିବା ପରେ ବିବାଦ ହେବାରୁ ମାମଲାକୁ ରଫାଦଫା କରିବାକୁ ସମଗ୍ର ବିଷ୍ଣୋଇ ସମ୍ପ୍ରଦାୟକୁ ଟଙ୍କା ଯାଚିଥିଲେ । କିନ୍ତୁ ବିଷ୍ଣୋଇ ସମ୍ପ୍ରଦାୟ ଏହାକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଆଜି ତାଙ୍କୁ ଦଣ୍ଡ ଦେବା ପାଇଁ ଲରେନ୍ସ ଯାହା ବି କରୁଛନ୍ତି ଆମେ ତାଙ୍କୁ ସମର୍ଥନ କରୁଛୁ । ଜାତୀୟ ଗଣମାଧ୍ୟମ ଏନଡିଟିଭିକୁ ସାକ୍ଷାତକାର ଦେଇ ରମେଶ କହିଛନ୍ତି ଯେ, 'ତାଙ୍କ ପିତା ସଲିମ ଖାନ କହୁଛନ୍ତି ଲରେନ୍ସ ଗ୍ୟାଙ୍ଗ ଟଙ୍କା ପାଇଁ ଏଭଳି ହତ୍ୟା ଧମକ ଦେଉଛି । ମୁଁ ତାଙ୍କୁ ମନେ ପକାଇଦେବାକୁ ଚାହୁଁଛି ଯେ ତାଙ୍କ ପୁଅ ବିଷ୍ଣୋଇ ସମ୍ପ୍ରଦାୟ ଆଗରେ ଏକ ଚେକବୁକ୍ ରଖିଥିଲେ ଏବଂ ଯେତେ ଚାହୁଁଛ ସେତେ ଟଙ୍କା ଭରିବାକୁ କହିଥିଲେ। ହେଲେ ଆମେ ଟଙ୍କା ନେଇନଥିଲୁ । ଯଦି ଆମର ଟଙ୍କା ପ୍ରତି ଲୋଭ ଥାନ୍ତା ତାହେଲେ ଆମେ ସେତେବେଳେ ଟଙ୍କା ନେଇଥାନ୍ତୁ ।' ସେ ଆହୁରି କହିଛନ୍ତି ଯେ, ଯେତେବେଳେ କୃଷ୍ଣସାର ମୃଗ ଶିକାର କରାଗଲା, ସେତେବେଳେ ପୁରା ବିଷ୍ଣୋଇ ସମ୍ପ୍ରଦାୟ କ୍ରୋଧିତ ଥିଲେ । ପ୍ରତ୍ୟେକ ବିଷ୍ଣୋଇଙ୍କ ରକ୍ତ ଗରମ ହୋଇଯାଇଥିଲା। ହେଲେ ଆମେ କିଛି ନକରି କୋର୍ଟ ଉପରେ ସବୁ ଛାଡ଼ିଦେଲୁ । କିନ୍ତୁ ଯଦି ବିଷ୍ଣୋଇ ସମ୍ପ୍ରଦାୟକୁ ପରିହାସ କରାଯାଏ ତେବେ ଆମେ କ୍ରୋଧିତ ହେବା ସ୍ୱାଭାବିକ । ଆଜି ସମଗ୍ର ବିଷ୍ଣୋଇ ସମ୍ପ୍ରଦାୟ ଲରେନ୍ସଙ୍କ ସହ ଛିଡା ହୋଇଛନ୍ତି।

# ବିବାହ ଶାଢ଼ି ପରେ ମେହେନ୍ଦୀର ଲେହେଙ୍ଗାକୁ ରିପିଟ୍ କଲେ ଆଲିଆ


ବିବାହ ଦିନ ପିନ୍ଧିଥିବା ଶାଢ଼ିକୁ ରିପିଟ୍ କରିବା ପରେ ଏବେ ମେହେନ୍ଦୀରେ ପିନ୍ଧିଥିବା ଲେହେଙ୍ଗାକୁ ରିପିଟ୍ କଲେ ବଲିଉଡ ଅଭିନେତ୍ରୀ ଅଲିଆ ଭଟ୍ଟ। ଲୋକପ୍ରିୟ ଡିଜାଇନର ମନୀଷ ସିସୋଦିଆଙ୍କ ଦୀପାବଳି ପାର୍ଟିରେ ଆଲିଆ ଗୋଲାପି ରଙ୍ଗର ଲେହେଙ୍ଗା ପିନ୍ଧି ପହଞ୍ଚିଥିଲେ। ଆଲିଆ କିଛି ଅଲଗା ପିନ୍ଧି ଆସିବେ ବୋଲି ଆଶା କରାଯାଉଥିବା ବେଳେ ନିଜ ଲେହେଙ୍ଗାକୁ ରିପିଟ୍ କରି ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ତେବେ ଏହା ପ୍ରଥମ ନୁହେଁ, ଏହା ପୂର୍ବରୁ ବି ଆଲିଆ ନିଜ ପୋଷାକ ରିପିଟ୍ କରିସାରିଛନ୍ତି। ଅକ୍ଟୋବର ୧୭, ୨୦୨୩ରେ ଆଲିଆଙ୍କୁ ଗଙ୍ଗୁବାଇ କାଠିଆୱାଡି ପାଇଁ ଜାତୀୟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଗଙ୍ଗୁବାଇ କାଠିଆୱାଡି ଚଳଚ୍ଚିତ୍ର ପାଇଁ ଆଲିଆ ଭଟ୍ଟ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଜାତୀୟ ପୁରସ୍କାର ଗ୍ରହଣ କରିଥିଲେ। ଏହି ବିଶେଷ କାର୍ଯ୍ୟକ୍ରମ ପାଇଁ ଆଲିଆ ଏକ ସ୍ୱତନ୍ତ୍ର ଶାଢ଼ି ପିନ୍ଧିଥିବା ଦେଖାଯାଇଥିଲା। ଏହି ଶାଢ଼ିଟି ସେ ତାଙ୍କ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିନ ଅର୍ଥାତ୍ ତାଙ୍କ ବିବାହରେ ପିନ୍ଧିଥିଲେ। ଆଲିଆ ଏକ ସାକ୍ଷାତକାରରେ ମଧ୍ୟ କହିସାରିଛନ୍ତି ଯେ, ସେ ପୋଷାକ ରିପିଟ୍ କରିବାକୁ ପସନ୍ଦ କରନ୍ତି। ଏହା କରିବାରେ ତାଙ୍କୁ ଲାଜ ଲାଗେ ନାହିଁ। ଅନେକ ସମୟରେ ସେ ନିଜ ପୋଷାକକୁ ରିପିଟ୍ କରିଥିବା ଦେଖାଯାଇଛି।





# ଝିଅ ପାଇଁ ନୂଆ ରେଞ୍ଜ୍-ରୋଭର୍ କିଣିଲେ ରଣବୀର-ଦୀପିକା!

ଗତ କିଛି ମାସ ହେବ ବଲିଉଡ୍ ଅଭିନେତା ରଣବୀର ସିଂହ ଓ ତାଙ୍କ ପତ୍ନୀ ଦୀପିକା ପାଦୁକୋନ ତାଙ୍କର ପ୍ରଥମ ଶିଶୁକନ୍ୟାର ପିତାମାତା ସାଜିଛନ୍ତି। ନିକଟରେ ସେ ସେମାନଙ୍କର ପ୍ରଥମ ସନ୍ତାନକୁ ଏକ ବିଳାସମୟ କାର ଉପହାର ଦେଇଛନ୍ତି। ଜାଣିବାକୁ ମିଳିଛି ଯେ ରଣବୀର ଓ ଦୀପିକା ସେମାନଙ୍କ ଝିଅ ପାଇଁ ଏକ ରେଞ୍ଜ୍ ରୋଭର କାର କିଣିଛନ୍ତି। ୪.୭୪ କୋଟି ଟଙ୍କା ମୂଲ୍ୟର ସବୁଜ ରଙ୍ଗର କାର ତାଙ୍କ ଘର ବାହାରେ ପାର୍କିଂ ହୋଇଥିବା ଦେଖିବାକୁ ମିଳିଛି। ଖବର ଅନୁଯାୟୀ, ସେମାନେ ତାଙ୍କର ଏହି ନୂଆ କାରକୁ ତାଙ୍କ ଝିଅକୁ ଉପହାର ଦେଇଛନ୍ତି। ରେଞ୍ଜ୍ ରୋଭର ୪.୪ଏଲ୍‌ଡବ୍ଲୁବି ହେଉଛି ରଣବୀରଙ୍କ କାର ସଂଗ୍ରହର ଚତୁର୍ଥ କାର। ଅଭିନୋ ୨୦୨୪ ମସିହା ସେପ୍ଟେମ୍ବର ୮ ତାରିଖରେ ନିଜ ଝିଅର ବାପା ବନିଛନ୍ତି। ରଣବୀର ଏବଂ ଦୀପିକା ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି କ୍ୟାପସନ୍ ଲେଖିଥିଲେ, ''ଶିଶୁ କନ୍ୟାକୁ ସ୍ୱାଗତ!'' ଏହି କାରଟି ସେମାନଙ୍କ ଝିଅ ଜନ୍ମର କିଛି ସପ୍ତାହ ପରେ କିଣାଯାଇଥିଲା। ମଙ୍ଗଳବାର ଦିନ ତାଙ୍କ ଘରେ ପାର୍କିଂ ହୋଇଥିବା ନୂଆ କାରର ଭିଡିଓ ଅନଲାଇନରେ ଭାଇରାଲ ହୋଇଛି। ଏହି କାର କିଣିବା ପାଇଁ ଅକ୍ଟୋବର ୪ ତାରିଖରେ ପଞ୍ଜୀକରଣ ପ୍ରକ୍ରିୟା ସମାପ୍ତ ହୋଇଥିଲା। କାରର ଭିଡିଓ ଭାଇରାଲ ହେବା ମାତ୍ରେ ପ୍ରଶଂସକମାନେ ରଣବୀରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ନୂଆ କାର ତାଙ୍କ ଶିଶୁ କନ୍ୟା ପାଇଁ ଅଛି କି ବୋଲି ପ୍ରଶ୍ନ କରୁଛନ୍ତି। ୱାର୍କ ଫ୍ରଣ୍ଟ ବିଷୟରେ କହିବାକୁ ଗଲେ ଉଭୟ ରଣଭୀର ଏବଂ ଦୀପିକା ରୋହିତ ଶେଟ୍ଟୀଙ୍କ ଫିଲ୍ମ 'ସିଂଘମ୍ ଏଗେନ୍'ରେ ନଜର ଆସିବେ। ଏହି ଚଳଚ୍ଚିତ୍ରରେ ଅଜୟ ଦେବଗନ୍, କରୀନା କପୁର ଖାନ୍, ଅକ୍ଷୟ କୁମାର ଏବଂ ଅନ୍ୟମାନେ ମୁଖ୍ୟ ଭୂମିକାରେ ଅଛନ୍ତି। ନଭେମ୍ବର ପହିଲାରେ ଏହା ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବାକୁ ଯାଉଛି।





# କିଏ ଧନୀ, ଐଶ୍ୱର୍ଯ୍ୟା ନା ଗର୍ଲଫ୍ରେଣ୍ଡ ନିମ୍ରତ




ବଲିଉଡ ଅଭିନେତ୍ରୀ ନିମ୍ରତ କୌରଙ୍କୁ ନେଇ ବର୍ତ୍ତମାନ ସୋସିଆଲ ମିଡିଆରେ ଚର୍ଚ୍ଚା ହେବାରେ ଲାଗିଛି। ଅଭିଷେକ ବଚ୍ଚନଙ୍କ ସହ ଡେଟିଂର ଗୁଜବ ପରେ ତାଙ୍କୁ ନେଇ ବିଭିନ୍ନ ଆଲୋଚନା ହେବାରେ ଲାଗିଛି। କୁହାଯାଉଛି ସ୍ତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ସହିତ ଦୂରତା ବଢ଼ିବା ପରେ ଅଭିଷେକ ବର୍ତ୍ତମାନ ଅଭିନେତ୍ରୀ ନିମ୍ରତଙ୍କ ସହ ସମ୍ପର୍କ ରଖିଛନ୍ତି।

୨୦୨୨ ମସିହାରେ ଫିଲ୍ମ 'ଦଶଭି'ର ସୁଟିଂ ସମୟରେ ନିମ୍ରତ ଏବଂ ଅଭିଷେକଙ୍କ ମଧ୍ୟରେ ଘନିଷ୍ଠତା ବୃଦ୍ଧି ପାଇଥିଲା। ତେବେ ଏହି ପ୍ରସଙ୍ଗରେ ଅଭିଷେକ ବଚ୍ଚନ, ନିମ୍ରତ କିମ୍ବା ଐଶ୍ୱର୍ଯ୍ୟାଙ୍କଠାରୁ କୌଣସି ପ୍ରତିକ୍ରିୟା ଆସିନାହିଁ।

ବଲିଉଡ ଅଭିନେତ୍ରୀ ନିମ୍ରତ ଫିଲ୍ମ 'ଲଞ୍ଚବକ୍ସ'ରେ ତାଙ୍କର ଉଚ୍ଚକୋଟୀର ଅଭିନୟ ସହିତ ବହୁ ଲୋକପ୍ରିୟତା ହାସଲ କରିଥିଲେ। ଅନ୍ତର୍ଜାତୀୟସ୍ତରରେ ମଧ୍ୟ ତାଙ୍କୁ ବହୁତ ପ୍ରଶଂସା କରାଯାଇଥିଲା। ସେ 'ହୋମଲ୍ୟାଣ୍ଡ' ଏବଂ 'ୱେୱାର୍ଡ ପାଇନ୍ସ' ପରି ଆମେରିକୀୟ ଧାରାବାହିକରେ ମଧ୍ୟ ଅଭିନୟ କରିଛନ୍ତି।

ନିମ୍ରତଙ୍କର ଅଭିନୟ ସବୁଠାରେ ପ୍ରଶଂସିତ ହୋଇଛି। ସେ ଅନେକ ବଡ କଳାକାରଙ୍କ ସହ କାମ କରିଛନ୍ତି। ସେ ପରିଶ୍ରମ କରି ଏହି ସ୍ତରରେ ପହଞ୍ଚିଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ନିମ୍ରତଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ପ୍ରାୟ ୭କୋଟି ଟଙ୍କା ହେବ। ସେ ଚଳଚ୍ଚିତ୍ର ଏବଂ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟରୁ ରୋଜଗାର କରିଥାନ୍ତି ।

ଐଶ୍ୱର୍ଯ୍ୟା ରାୟ ତାଙ୍କ ସ୍ୱାମୀ ଅଭିଷେକ ବଚ୍ଚନଙ୍କଠାରୁ ଅଧିକ ଧନୀ । ଐଶ୍ୱର୍ଯ୍ୟା ନିମ୍ରତଙ୍କ ଅପେକ୍ଷା ଅଧିକ ଧନୀ ଅଟନ୍ତି। ୧୯୯୭ରେ ଐଶ୍ୱର୍ଯ୍ୟା ଚଳଚ୍ଚିତ୍ର 'ଇରୁଭର୍'ରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଐଶ୍ୱର୍ଯ୍ୟା ଅନେକ ସୁପରହିଟ୍ ବଲିଉଡ ଫିଲ୍ମରେ କାମ କରିଛନ୍ତି। ଏତେ ବର୍ଷ ଧରି ପରିଶ୍ରମ କରି ଐଶ୍ୱର୍ଯ୍ୟା କୋଟି କୋଟି ଟଙ୍କାର ସମ୍ପତ୍ତି ରୋଜଗାର କରିଛନ୍ତି।

ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ସମ୍ପତ୍ତିର ନିଟ୍ ମୂଲ୍ୟ ନିମ୍ରତଙ୍କଠାରୁ ବହୁ ଅଧିକ ରହିଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଐଶ୍ୱର୍ଯ୍ୟାଙ୍କ ସମ୍ପତ୍ତି ମୂଲ୍ୟ ପ୍ରାୟ ୧୦୦ ମିଲିୟନ୍ ଡଲାର୍ ଅର୍ଥାତ୍ ୮୨୮ କୋଟି ଟଙ୍କା।

ବଲିଉଡ ଏବଂ ସାଉଥ ଚଳଚ୍ଚିତ୍ର ସହିତ ଐଶ୍ୱର୍ଯ୍ୟା ମଧ୍ୟ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ କରନ୍ତି ଯେଉଁଥିରୁ ସେ ବହୁତ ରୋଜଗାର କରିଥାନ୍ତି। ଐଶ୍ୱର୍ଯ୍ୟା ଅନେକ ବଡ ବ୍ରାଣ୍ଡର ସେ?ନ୍ଦର୍ଯ୍ୟ ପଦାର୍ଥକୁ ସମର୍ଥନ କରନ୍ତି। ଏଥିରୁ ବାର୍ଷିକ ସେ କୋଟି କୋଟି ଟଙ୍କା ରୋଜଗାର କରିଥାନ୍ତି। ଐଶ୍ୱର୍ଯ୍ୟା ରାୟ ବାର୍ଷିକ ୧୦୦ କୋଟି ଟଙ୍କା ରୋଜଗାର କରିଥାନ୍ତି।

ଯଦିଓ ସେ ବିବାହ ପରେ କମ୍ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ତେବେ ମଧ୍ୟ ସେ ଗୋଟିଏ ଫିଲ୍ମ ପାଇଁ ୧୦ ରୁ ୧୨ କୋଟି ଟଙ୍କା ନେଇଥାନ୍ତି। ସେ କେବଳ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟରୁ ବର୍ଷକୁ ପ୍ରାୟ ୯୦ କୋଟି ଟଙ୍କା ରୋଜଗାର କରିଥାନ୍ତି।

କୌଣସି ବ୍ରାଣ୍ଡର ଏଣ୍ଡୋର୍ସମେଣ୍ଟ ସୁଟ୍ ପାଇଁ ଐଶ୍ୱର୍ଯ୍ୟା ବଚ୍ଚନ ପ୍ରତିଦିନ ୬ ରୁ ୭ କୋଟି ଟଙ୍କା ନେଇଥାନ୍ତି। ଐଶ୍ୱର୍ଯ୍ୟା ଅନେକ ଅନ୍ତର୍ଜାତୀୟ ବ୍ରାଣ୍ଡର ଚେହେରା। ଏଥିରୁ ସେ କୋଟି କୋଟି ଟଙ୍କା ରୋଜଗାର କରନ୍ତି।

ଛାଡପତ୍ର ଗୁଜବ ମଧ୍ୟରେ ବଲିଉଡ ହଙ୍ଗାମାକୁ ଦେଇଥିବା ଏକ ସାକ୍ଷାତକାରରେ ଅଭିଷେକ ଐଶ୍ୱର୍ଯ୍ୟାଙ୍କୁ ତାଙ୍କ ପାଇଁ ଏକ ବଡ଼ ସମର୍ଥନ ବ୍ୟବସ୍ଥା ବୋଲି ପ୍ରଶଂସା କରିଥିଲେ। ମୋ ପତ୍ନୀ ପାଖରେ ମୋ ପାଇଁ ସବୁବେଳେ ଏକ ଆଶ୍ଚର୍ଯ୍ୟଜନକ ଭାବପ୍ରବଣତା ରହିଛି। ମୁଁ ବହୁତ ଭାଗ୍ୟବାନ, ମୋର ସମ୍ପୂର୍ଣ୍ଣ ପରିବାର ହୋଇସାରିଛି। ଐଶ୍ୱର୍ଯ୍ୟାଙ୍କ ପରି ଜୀବନସାଥୀ ପାଇବା ଭାଗ୍ୟର କଥା।

ସେ ଏପରି ଜଣେ ବ୍ୟକ୍ତି, ଯାହା ମୁଁ ସର୍ବଦା ଲକ୍ଷ୍ୟ କରିଆସୁଛି, ତାଙ୍କ ଜୀବନର କେତେକ କଷ୍ଟଦାୟକ ସମୟକୁ ଅତ୍ୟଧିକ ସମ୍ମାନ ଏବଂ ଅନୁଗ୍ରହରେ ଅତିକ୍ରମ କରିବାରେ ସଫଳ ହୋଇଛନ୍ତି। ମୁଁ ତାଙ୍କୁ ପ୍ରକୃତରେ ପ୍ରଶଂସା କରେ। ଅଭିନେତା ଭାବେ ଆମେ ଭାବପ୍ରବଣ ବ୍ୟକ୍ତି, ଆମେ ଅତ୍ୟଧିକ ସମ୍ବେଦନଶୀଳ ବୋଲି ସେ କହିଛନ୍ତି।

# ଫ୍ୟାନ୍ସଙ୍କ ପାଇଁ ୧୦କୋଟି ଟଙ୍କାର ବିଜ୍ଞାପନକୁ ଏଡ଼ାଇ ଦେଲେ ଅନିଲ

ବଲିଉଡର ମିଷ୍ଟର ଝାକାସ୍ ଓରଫ୍ ଅନିଲ କପୁର ଗତ ୪୫ବର୍ଷ ହେବ ସିନେମାରେ କାମ କରି ଆସୁଛନ୍ତି। ଆଜି ବି ଲୋକେ ଅନିଲଙ୍କ ଅଭିନୟ ଦେଖିବା ପାଇଁ ପସନ୍ଦ କରୁଛନ୍ତି। ଅନିଲ ଯାହାବି କାମ କରିଥାଆନ୍ତି ପ୍ରଥମେ ସେ ତାଙ୍କ ଫ୍ୟାନ୍ସଙ୍କ ରୁଚି କେଉଁଥିରେ ଅଛି ସେଥିପ୍ରତି ଧ୍ୟାନ ଦେଇଥାଆନ୍ତି। ନିକଟରେ ଅନିଲ ତାଙ୍କ ଫ୍ୟାନ୍ସଙ୍କ ପାଇଁ ଏମିତି ଏକ କାମ କରିଛନ୍ତି ଯାହାକୁ ନେଇ ଖୁବ ଚର୍ଚ୍ଚା ହେବା ସହିତ ଅଭିନେତାଙ୍କୁ ଭୁରିଭୁରି ପ୍ରଶଂସା କରାଯାଉଛି। ପ୍ରକାଶିତ ଏକ ରିପୋର୍ଟ ମୁତାବକ, ଅନିଲ କପୁରଙ୍କୁ ପାନ ମସଲା କମ୍ପାନିର ବିଜ୍ଞାପନ ପାଇଁ ଅଫର ଆସିଥିଲା। ଯେଉଁଥିପାଇଁ କମ୍ପାନି ୧୦କୋଟି ଟଙ୍କା ଦେବାକୁ ରାଜି ଥିଲା। କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ମୋଟାଅଙ୍କର ଅର୍ଥରାଶି ଥିବା ଏହି ବିଜ୍ଞାପନ ଅଫରକୁ ଅନିଲ ଏଡାଇ ଦେଇଛନ୍ତି। ଏହା କେବଳ ସେ ତାଙ୍କ ଫ୍ୟାନ୍ସଙ୍କ ପାଇଁ କରିଥିବା କୁହାଯାଉଛି। ଶେଷ ସୂତ୍ରରୁ ଖବର ମିଳିଛି ଯେ ଅନିଲ ଏହି ଅଫର ଏଡାଇବାର କାରଣକୁ ନେଇ କହିଛନ୍ତି, 'ତାଙ୍କର ଫ୍ୟାନ୍ସମାନଙ୍କ ପ୍ରତି କିଛି କର୍ତ୍ତବ୍ୟ ଅଛି। ସେ ଏମିତି କିଛି ବିଜ୍ଞାପନ କରିବେ ନାହିଁ ଯାହାକି ଲୋକଙ୍କ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଉଥିବ। ବଲିଉଡ ଷ୍ଟାର ଶାହରୁଖ ଖାନ, ଅଜୟ ଦେବଗନ, ଟାଇଗର ଶ୍ରଫ ସମେତ ଅନେକ ଅଭିନେତାଙ୍କୁ ଏଭଳି ବିଜ୍ଞାପନ କରିଥିବା ଦେଖିବାକୁ ମିଳିଛି। ଅକ୍ଷୟ କୁମାର ବି ଏଭଳି ପାନ ମସଲାର ବିଜ୍ଞାପନ କରି ଟ୍ରୋଲ ହୋଇଥିଲେ। ପରେ ସେ ତାଙ୍କ ଫ୍ୟାନ୍ସଙ୍କୁ କ୍ଷମା ମାଗିବା ସହିତ ଆଗକୁ ଏଭଳି ବିଜ୍ଞାପନ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ।



# ସାହିତ୍ୟ ପତ୍ରିକା 'ସୃଜନ ସଲିତା ନବନୀତା' ପୂଜା ସଂଖ୍ୟା ୨୦୨୪ ଉନ୍ମୋଚିତ

ବଲାଙ୍ଗିର, ୨୪/୧୦ (ନି.ପ୍ର): ବଲାଙ୍ଗିରରୁ ପ୍ରକାଶିତ ତଥା ବହୁ ଆଦୃତ ସାହିତ୍ୟ ପତ୍ରିକା 'ସୃଜନ ସଲିତା ନବନୀତା' ପୂଜା ସଂଖ୍ୟା ୨୦୨୪ ଉନ୍ମୋଚିତ ହୋଇଯାଇଛି । ଗାଳ୍ପିକା ଗାୟତ୍ରୀ ସରାଫଙ୍କ ବାସଭବନ ' ନୀଡ଼ ' ଠାରେ ଏକ ନିରାଡ଼ମ୍ବର ସମାବେଶରେ ଅନୁଷ୍ଠିତ ଏହି ସଭାରେ ନାଟ୍ୟ ଭୀଷ୍ମ ଜଗଦାନନ୍ଦ ଛୁରିଆଙ୍କ ସଭାପତିତ୍ୱ କରିଥିଲେ । ଏହି ଉନ୍ମୋଚନ ସଭାରେ ନୃତ୍ୟଗୁରୁ ଘାସିରାମ ମିଶ୍ର, ଲେଖକ ସଞ୍ଜୟ କୁମାର ମିଶ୍ର, ଅଧ୍ୟାପକ ଡଃ. କୌତୁକ ପନ୍ଦର, ଡଃ. ଜଗନ୍ନାଥ ସାହୁ, ପ୍ରକାଶକ ରାଜେଶ ଝାଙ୍କର, ପରିଚାଳନା ସମ୍ପାଦକ ଯୁଧିଷ୍ଠିର ମେହେର, ଓଡିଆ ବିଭାଗର ଛାତ୍ରୀ ସୁଶ୍ରୀ ଶୁଭଶ୍ରୀ ବିଶ୍ୱାଳ ଓ ପଂଚାନନ ମିଶ୍ର ଆଦି ଉପସ୍ଥିତ ଥିଲେ । ଏହି ସଂଖ୍ୟାରେ ପ୍ରତିଷ୍ଠିତ ତଥା ଉଦୀୟମାନ ସାହିତ୍ୟକଙ୍କ ବିଭିନ୍ନ ଲେଖା ଯଥା ଦିବଂଗତ ନାଟ୍ୟ ପ୍ରତିଭା ଅଟଳ ବିହାରି ପଣ୍ଡା, କୋଶଳୀ ସଂସ୍କୃତି ଗବେଷକ ନିମାଇଁ ପାଣିଗ୍ରାହୀଙ୍କ ସ୍ମୃତି ଆଲେଖ୍ୟ, ବିନୋଦ ପଶାୟତ, ମଣିପୁରୀ ଲେଖକ ୱାଇ ଇବୋଂଚା ସିଂହ ଓ ପ୍ରଫେସର କେଶରଞ୍ଜନ ପ୍ରଧାନଙ୍କ ସାକ୍ଷାତକାର ଓ ଆଲୋଚନା ସମେତ ୧୦ଟି ଗଳ୍ପ, ୭ ଟି ଆଲୋଚନା ପ୍ରବନ୍ଧ ଓ ୧୯ଟି କବିତା ସ୍ଥାନିତ ହୋଇଛି । ଏହି ପୂଜା ସଂଖ୍ୟାଟି ପାଠକ, ଲେଖକ ତଥା ଗବେଷକଙ୍କ ଆଦୃତି ଲାଭ କରିବ ବୋଲି ଉପସ୍ଥିତ ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ ।

# ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକଙ୍କ ବିଭିନ୍ନ ସମସ୍ୟା ଓ ଯୋଜନା ବାବଦରେ ସମୀକ୍ଷା

କନ୍ଧମାଳ, ୨୪/୧୦ (ନି.ପ୍ର): ଫୁଲବାଣୀ ବିଧାୟକ ଫୁଲବାଣୀ ଉମାଚରଣ ମଲ୍ଲିକ ବିଭିନ୍ନ ସମୟରେ ଲୋକମାନଙ୍କ ପାଖରୁ ଅଭିଯୋଗ ପତ୍ର ଗ୍ରହଣ କରି ଅଭିଯୋଗ ପତ୍ର ଆଧାରରେ ସ୍ପଟ୍ ଭିଜିଟ୍ କଲାପରେ କେତେଗୁଡ଼ିଏ ବିଭାଗର କାର୍ଯ୍ୟକ୍ରମର ସମୀକ୍ଷା ଆବଶ୍ୟକ ବୋଲି ମନେକଲେ । ସେଥିପାଇଁ ସେ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାବନା ସଭାଗୃହରେ ଜିଲ୍ଲାର କେତେଗୁଡ଼ିଏ ବିଭାଗର ପ୍ରମୁଖ କାର୍ଯ୍ୟକ୍ରମ ଗୁଡ଼ିକର ସମୀକ୍ଷା କରିଛନ୍ତି । ବିଭାଗୀୟ ଅଧିକାରୀମାନେ ସେମାନଙ୍କ ବିଭାଗର କାର୍ଯ୍ୟକ୍ରମ ସହିତ ସେମାନଙ୍କ ବିଭାଗରେ ଥିବା ସମସ୍ୟାଗୁଡ଼ିକୁ ମାନ୍ୟବର ବିଧାୟକଙ୍କ ଦୃଷ୍ଟିକୁ ଆଣିଥିଲେ । ମଲ୍ଲିକ ମଧ୍ୟ ସେ ପାଇଥିବା ଅଭିଯୋଗଗୁଡ଼ିକୁ ସଂପୃକ୍ତ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିଲେ । ଭତ୍ତା ପାଇବାରେ ବିଳମ୍ବ ହେବା, ଚେକ୍ ଡ୍ୟାମ୍ ଗୁଡ଼ିକ ସଠିକ୍ ସ୍ଥାନରେ ନ ହେବା ଫଳରେ ପାଣି ରହୁ ନଥିବା, ସଠିକ ଯାଗାରେ ଏଲ୍.ଆଇ.ପଏଂଟ ଓ ଚେକ୍ ଡ୍ୟାମ୍ ନ ହେବା ଦ୍ୱାରା ଚାଷୀଙ୍କ କାମରେ ଲାଗୁ ନଥିବା ଭଳି ଅନେକ ଅଭିଯୋଗ ସେ ପାଇଛନ୍ତି ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଶୋକ କୁମାର ଭୋଇ ସ୍ଥାନୀୟ ଲୋକ ଏବଂ ଜନ ପ୍ରତିନିଧିଙ୍କ ସହିତ ଆଲୋଚନା ପରେ କୌଣସି ପ୍ରୋଜେକ୍ଟ ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସରକାର ଲୋକମାନଙ୍କ ମଙ୍ଗଳ ପାଇଁ ବିଭିନ୍ନ ପ୍ରକଳ୍ପ ତିଆରି କରୁଛନ୍ତି ଅଥଚ ସେମାନଙ୍କ କାମରେ ଲାଗୁନି । ସେଥିପାଇଁ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବା ଆବଶ୍ୟକ । ଅଙ୍ଗନୱାଡ଼ି ଗୃହ ପାଇଁ ସ୍ଥାନ ନିରୁପଣ, ବିଦ୍ୟୁତୀକରଣ, ଟଏଲେଟ୍ ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା, ପାଚେରୀ ନିର୍ମାଣ ଇତ୍ୟାଦି କାର୍ଯ୍ୟ ଆରମ୍ଭ ପୂର୍ବରୁ ବିଡିଓ, ସିଡିପିଓଙ୍କ ସହିତ ଆଲୋଚନା କରିବାକୁ ଶ୍ରୀ ଭୋଇ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଛତୁଆର ମାନ ପରୀକ୍ଷା ପାଇଁ ଯେଉଁ ଛତୁଆ ପିଲାମାନଙ୍କୁ ଦିଆଯାଉଛି ସେହି ଛତୁଆକୁ ପରୀକ୍ଷା ପାଇଁ ପଠାଇବାକୁ ମାନ୍ୟବର ବିଧାୟକ କହିଥିଲେ । ଚୁକ୍ତି ହୋଇସାରିଥିବା ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟ ଆରମ୍ଭ ପୂର୍ବରୁ ସମୀକ୍ଷା କରାଯିବ ଏବଂ ଆବଶ୍ୟକ ପଡ଼ିଲେ ସରକାରଙ୍କ ଦୃଷ୍ଟିକୁ ନେବେ ବୋଲି ଶ୍ରୀ ମଲ୍ଲିକ କହିଥିଲେ । ଏହି ସମୀକ୍ଷା ବୈଠକରେ ସାମାଜିକ ସୁରକ୍ଷା, କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ସମାଜ ମଙ୍ଗଳ, ବେସାମରିକ ଯୋଗାଣ, ସମବାୟ ସମିତି, ମୋବାଇଲ୍ ନେଟ୍ ୱାର୍କ,(ଉନ୍ନୟନ ବିଭାଗ) ସ୍ୱେଚ୍ଛାସେବୀ ଅନୁ ।ନସ୍ୱାତୀ ଓ ନିପିଡିତର ଅଧିକାରୀ ତଥା ମୁଖ୍ୟମାନେ ସେମାନଙ୍କ ବିଭାଗ ତଥା ଅନୁ ।ନର ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା ଧନ୍ୟବାଦ ଦେଇଥିଲେ ।

# ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ସୋନପୁର ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ସୁବର୍ଣ୍ଣପୁର, ୨୪/୧୦ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପରିସରରେ 'ବ୍ଲକ ସ୍ତରୀୟ ଗୀତା ଆବୃତ୍ତି' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ସୋନପୁର ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ପ୍ରାୟ ୮୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଶ୍ରୀମଦ୍ଭଗବତଗୀତାର ଚତୁର୍ଥ ଅଧ୍ୟାୟ ଆବୃତ୍ତି କରିଥିଲେ । ପ୍ରତିଯୋଗୀତା ହୋଇଥିବା ଚାରୋଟି ବର୍ଗରେ କ' ବିଭାଗରୁ ଅନନ୍ୟା ପ୍ରିୟଦର୍ଶନୀ ଦାସ, ଆଲିଶା ଦାସ, ସିଦ୍ଧି ତ୍ରିପାଠୀ, ଖ' ବିଭାଗରୁ ଶୁଭଙ୍କର ପଣ୍ଡା,ସଂସୀତା ତ୍ରିପାଠୀ, ସୁଭଦ୍ରା ନାଏକ, ଗ' ବିଭାଗରୁ ବର୍ଷାରାଣୀ ପଣ୍ଡା, ଅନ୍ୟସା ଦୀକ୍ଷିତ, ଅଂଶୁମାନ ଗରିଆ, ଘ'ବିଭାଗରୁ ଲକ୍ଷ୍ମୀପ୍ରିୟା ପ୍ରଧାନ, ଅଙ୍କିତା ସାହୁ, ଅର୍ପିତା ମହାନ୍ତି, ସ୍ମୃତିପ୍ରଭା ମେଂଡ଼ିଲି ପୁରସ୍କୃତ ହୋଇ ଆସନ୍ତା ନଭେମ୍ବର ୨୪ ରେ ସୋନପୁର ଶିଶୁ ବିଦ୍ୟା ମନ୍ଦିରରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତାକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ସ୍ଥାନୀୟ ବୀରମିତ୍ର ସିଂଦେଓ ସଂସ୍କୃତ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପୂଝାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ଶତ୍ରୁଘନ ହୋତା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗୀତାକୁ ପ୍ରତ୍ୟହ ପାଠ କରୁଥିବା ବ୍ୟକ୍ତି ଜୀବନର ସମସ୍ତ ସମସ୍ୟା କୁ ଅଚିରେ ସମାଧାନ କରିପାରନ୍ତି ବୋଲି କହିଥିଲେ କ୍ଷସମସ୍ତ ସମସ୍ୟାର ସମାଧାନର ସୂତ୍ର ଗୀତା ଆବୃତ୍ତି ଓ ଅଭ୍ୟାସ ବୋଲି ମତ ବ୍ୟକ୍ତ କରିଥିଲେ । ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ଶିବନାରାୟଣ ପୂଜହାରୀ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ଅଂଚଳର ସୁନାମଧନ୍ୟ ସଂସ୍କୃତ ବିଦ୍ୱାନ ଯଥା ଡ଼. ସୁରେଶ କୁମାର ପଣ୍ଡା,ପଦ୍ମନାଭ ନନ୍ଦ, ଯୋଗମୟା ମିଶ୍ର, ଅନ୍ତର୍ଯ୍ୟାମୀ ପଣ୍ଡା,ଗୋବର୍ଦ୍ଧନ ପଧାନ,ବ୍ରତାନନ୍ଦ ଭୋଇ, ନନ୍ଦକିଶୋର ମିଶ୍ର,ନିତ୍ୟାନନ୍ଦ ପଧାନ, ଆଲୋକ କୁମାର ପଧାନ ପ୍ରମୁଖ ବିଚାରପତି ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରଜ୍ଞାନ ମିଶନର କାର୍ଯ୍ୟକର୍ତ୍ତା ଶ୍ରୀ ଅନ୍ତର୍ଯ୍ୟାମୀ ହୋତା, ବାଳଗୋପାଳ ଚାନ୍ଦ ପୁରସ୍କାର ବିତରଣରେ ସାହାଯ୍ୟ କରିଥିଲେ । ଶୀତାଂଶୁ ପୂଜହାରୀ, ସହସ୍ରାଂଶୁ ପଟ୍ଟନାୟକ,ବଳରାମ ଗୁରୁଜୀ ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ । ଗୀତା ଆବୃତ୍ତି ପ୍ରତିଯୋଗିତା ଦ୍ୱାରା ସଂସ୍କୃତ ଭାଷାର ପ୍ରଚାରପ୍ରସାର ହେଉଥିବାରୁ ବରେଣ୍ୟ ବିଚାରକ ମଣ୍ଡଳୀ ପ୍ରଜ୍ଞାନ ମିଶନର ଭୂୟସୀ ପ୍ରଶଂସା କରିଥିଲେ । ପ୍ରଜ୍ଞାନ ମିଶନର ଜିଲ୍ଲା ସଂଯୋଜକ ଆକାଶ ବିଶ୍ୱାଳ ସଭା ପରିଚାଳନା କରିଥିବା ବେଳେ ଅଚ୍ୟୁତାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ରାହ୍ମଣୀପାଳରେ ଟାଟା ଷ୍ଟିଲ ଫାଉଣ୍ଡେସନର ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ କୌଶଲ୍ୟାନ ସମ୍ପାଦିତ: ଉପକୃତ ହେଲେ ୧୪୩ ଜଣ ଛାତ୍ରଛାତ୍ରୀ

ହରିଚନ୍ଦନପୁର, ୨୪/୧୦ (ନି.ପ୍ର): ଟାଟା ଷ୍ଟିଲ ଫାଉଣ୍ଡେସନ ଏଚ୍‌ପି ଏବଂ ସୋସାଇଟି ଫର୍ ଅଲ ରାଉଣ୍ଡ ଡେଭଲପମେଂଟ (ଏସ୍‌ଏଆରଡି)ର ମିଳିତ ଉଦ୍ୟମରେ ବ୍ରାହ୍ମଣୀପାଳର ଟମକା ସ୍ଥିତ ସରକାରୀ ହାଇସ୍କୁଲର ୧୪୩ ଜଣ ଛାତ୍ରଛାତ୍ରୀ 'କୌଶଲ୍ୟାନ ପ୍ରୋଜେକ୍ଟ' ଅଧୀନରେ ତିନି ମାସର ଡିଜିଟାଲ ଦକ୍ଷତା ପାଠ୍ୟକ୍ରମ ଶେଷ କରିଛନ୍ତି। ଗ୍ରାମୀଣ ଏବଂ ଆଦିବାସୀ ସମ୍ପ୍ରଦାୟର ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାବଶ୍ୟକ କମ୍ପ୍ୟୁଟର ଦକ୍ଷତା ସହିତ ସଶକ୍ତ କରିବା, ସେମାନଙ୍କୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଏହି ପଦକ୍ଷେପର ଲକ୍ଷ୍ୟ। ଏହି ଅବସରରେ ଟାଟା ଷ୍ଟିଲର ଫେରୋ ଆଲୋଇ ପ୍ଲାଂଟ(ବ୍ରାହ୍ମଣୀପାଳ)ର ମୁଖ୍ୟ ଆଦର୍ଶ ଅଗ୍ରୱାଲ, ଦେଉଳକଣ ଗ୍ରାମ ପଂଚାୟତର ସରପଂଚ ବିଜୟ କୁମାର ଜେନା, କିଆଝର ଗ୍ରାମ ପଂଚାୟତର ସରପଂଚ ରାଜଲକ୍ଷ୍ମୀ ମହାପାତ୍ର, ସମାଜସେବୀ ନରୋତମ ବେହେରା, ଟିଏସ୍‌ଏଫ୍ ଓ ଏସ୍‌ଏଆର୍‌ଡି ଫିଲ୍ଡ ଟିମ୍ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ପାଠ୍ୟକ୍ରମରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିବାବେଳେ ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀଙ୍କୁ 'ପାଠ୍ୟକ୍ରମ ସମାପନ ପ୍ରମାଣପତ୍ର' ପ୍ରଦାନ କରାଯାଇଥିଲା। ବିସ୍ତୃତ ତିନି ମାସର ପ୍ରଶିକ୍ଷଣରେ ଏମ୍‌ଏସ୍ ଅଫିସ(ଏକ୍ସେଲ୍, ୱାର୍ଡ଼, ପାୱାରପଏଂଟ), ଇଂଟରନେଟ୍ ନେଭିଗେସନ୍ ଏବଂ ୟୁଟ୍ୟୁବ୍, ଜିମେଲ୍, ଷ୍ଟଡି ଆପ୍ଲିକେସନ ଏବଂ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମ ଭଳି ଲୋକପ୍ରିୟ ଆପ୍ଲିକେସନ୍‌ରେ ମୌଳିକ କମ୍ପ୍ୟୁଟର ଧାରଣା ପ୍ରଦାନ କରାଯାଇଥିଲା। ଶିକ୍ଷାଗତ ପାଠ୍ୟକ୍ରମ ସହିତ, ଛାତ୍ରଛାତ୍ରୀମାନେ ନୂତନ ଯୁଗର ଟେକ୍ନୋଲୋଜି ବିଷୟରେ ଅଭିଜ୍ଞତା ହାସଲ କରିଥିଲେ, ଯାହା ସେମାନଙ୍କ ପାଇଁ ବର୍ତ୍ତମାନର ଡିଜିଟାଲ୍ ଦୁନିଆରେ ଉଭୟ ଶୈକ୍ଷିକ ଏବଂ ବ୍ୟକ୍ତିଗତ ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହେବ। 'କୌଶଲ୍ୟାନ ପ୍ରୋଜେକ୍ଟ' ଅଧୀନରେ ଭ୍ରାମ୍ୟମାଣ କମ୍ପ୍ୟୁଟର ଲ୍ୟାବ୍ ବିଦ୍ୟାଳୟ ଓ ଗ୍ରାମ ପଂଚାୟତରେ ପହଂଚି ବିଶେଷ କରି ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ଜୀବନ ଓ ଜୀବିକା ପାଇଁ ଆବଶ୍ୟକ ଡିଜିଟାଲ୍ ଦକ୍ଷତା ପ୍ରଦାନ କରିବା ନେଇ ସୁନିଶ୍ଚିତ କରୁଛି। ଏହି କାର୍ଯ୍ୟକ୍ରମ କେବଳ ଡିଜିଟାଲ ପ୍ରଶିକ୍ଷଣ ଭିତିଭୂମିକୁ ସୁଦୃଢ଼ କରେ ନାହିଁ ବରଂ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଏବଂ ଉତ୍ସାହ ବୃଦ୍ଧି ସହିତ ଦୀର୍ଘକାଳୀନ ଶିକ୍ଷାଗତ ଯୋଗାଯୋଗକୁ ମଧ୍ୟ ସୁନିଶ୍ଚିତ କରେ, ଯାହା ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ହ୍ରାସ କରିବାରେ ସାହାଯ୍ୟ କରୁଛି। ଏଥିସହିତ ଭ୍ରାମ୍ୟମାଣ କମ୍ପ୍ୟୁଟର ଲ୍ୟାବ୍ ଓ କ୍ଲାସରୁମ୍ ଅନ୍ ହ୍ୱିଲ୍ ଦୁର୍ଗମ ଗ୍ରାମୀଣ ଓ ଆଦିବାସୀ ଅଂଚଳର ଯୁବପିଢ଼ିଙ୍କ ପାଇଁ ଡିଜିଟାଲ ସାକ୍ଷରତା ଉପଲବ୍ଧ କରାଇବା ପାଇଁ ଲକ୍ଷ୍ୟ ରଖିଛି।

## ଜିଲ୍ଲା ନିର୍ବାଚନ ଆୟୋଗର ପଥ ଉତ୍ସବ ଏବଂ ୱାକଥନ୍ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୨୪/୧୦ (ନି.ପ୍ର): ଆସନ୍ତା ଅକ୍ଟୋବର ୨୯ ତାରିଖ ଦିନ ସମ୍ବଲପୁର ଜିଲ୍ଲା ନିର୍ବାଚନ ଆୟୋଗ ତରଫରୁ ପଥ ଉତ୍ସବ ଏବଂ ୱାକଥନ୍ ଜିଲ୍ଲା ସ୍କୁଲରୁ ନେଲସନ ମାଣ୍ଡେଲା ଛକ ସ୍ଥିତ ଏସ୍.ବି.ଆଇ ବ୍ୟାଙ୍କ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି । ଉକ୍ତ ୱାକଥନ୍ ଅକ୍ଟୋବର ୨୯ ତାରିଖ ଦିନ ପ୍ରାତଃ ୭ ଘଟିକାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ଅଜାମ୍ବର ମହାନ୍ତି ଙ୍କ ଅଧ୍ୟକ୍ଷତା ରେ ଏକ ପ୍ରସ୍ତୁତି ବୈଠକ ର ଅନୁଷ୍ଠିତ ହୋଇଯାଇଛି । ସୂଚନା ଅନୁଯାଇ ଉକ୍ତ ଉତ୍ସବ ରେ ୨୫୦ରୁ ୩୦୦ ଜଣ ଭାଗୀଦାରୀ ଭାଗ ନେବା ପାଇଁ ଆୟୋଜନା କାରାଯାଉଛି । ଏହି ପରିପ୍ରେକ୍ଷୀ ରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରସିଦ୍ଧ କଳାକାରଙ୍କ ଲୋକନୃତ୍ୟ, ମାର୍ଶଲ ଆର୍ଟ, ଷ୍ଟ୍ରିଟ୍ ପ୍ଲେ,,ସମ୍ବଲପୁରୀ ନୃତ୍ୟ, କୁଇଜ ପ୍ରତିଯୋଗିତା ଆଦି ର ମଧ୍ୟ ଆୟୋଜନ କରାଯାଇଛି ।

# ବିଭିନ୍ନ ସମସ୍ୟାରେ ରାୟଗଡା ଓ କନ୍ଧମାଳ ସୀମାନ୍ତର ଯୁବାଗୁଡା ନୂତନ ପଂଚାୟତ

କନ୍ଧମାଳ , ୨୪/୧୦ (ନି.ପ୍ର): ସ୍ୱାଧୀନତା ର ୭୭ ବର୍ଷ ଅତି କ୍ରମ କରିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଅନେକ ଗ୍ରାମାଂଚଳ ରହିଛି ଯେଉଁଠି ବିକାଶ ଅପହଂଚ, ମୌଳିକ ସମସ୍ୟା, ସୁଯୋଗ ରୁ ବଂଚିତ। ଏବେବି ଅନେକ ଗ୍ରାମାଂଚଳ ରହିଛି ତାହାରି ଅବସ୍ଥା ପୁରା ପୁରୀ ପରାଧୀନ ଅବସ୍ଥା ରେ ପଡି ରହିଛି,ସହରାଂଚଳ ଓ ଗ୍ରାମାଂଚଳ ର ବିକାଶ ଲାଗି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ସତ ବାସ୍ତବର ଚିତ୍ର ସମ୍ପୂର୍ଣ୍ଣ ଅଲଗା । ସବୁ କାଗଜ କଲମରେ ଠିକ ଠାକ ଚାଲିଛି ହେଲେ ଫଳା ଫୋଳ କିନ୍ତୁ ଶୂନ। ଏହାର ଜ୍ୱଳନ୍ତ ଉଦାହୋରଣ ଜଳ ଜଳ ହୋଇ ଦେଖାଯାଉଛି କନ୍ଧମାଳ ଜିଲ୍ଲା ର ନୂତନ ପଂଚାୟତ ରାୟଗଡା ସୀମାନ୍ତ ରେ ଥିବା ଯୁବାଗୁଡା ରେ । କନ୍ଧମାଳ ଜିଲ୍ଲା ର ଦୁର୍ଗମ ଅଂଚଳ କୋଟଗଡ଼ ବ୍ଲକ ଅନ୍ତର୍ଗତ ମାଓ ପ୍ରବଣ ଇଲାକା ରାୟଗଡା ସୀମାନ୍ତ ଓ କନ୍ଧମାଳ ଜିଲ୍ଲାର ର ଶେଷ ସୀମାନ୍ତ ରେଖାରେ ଗଠିତ ଯୁବାଗୁଡା ନୂତନ ପଂଚାୟତ। ପଂଚାୟତ ର ମାଟିକେଡ଼ା, ବୁର୍କୀ ତଟା, ହରିଜନ ସାହି, ଧରଣୀ ସାହି, ସିଙ୍ଗେରପାଙ୍ଗା, ତୁଆ ପାଙ୍ଗା, ସ୍କୁଲ ସାହି, କିରାମାହା, ବଡ଼ାହା ବାଦେରୀ,ଏସବୁ ଗ୍ରାମ ରେ ଗ୍ରାମବାସୀମାନେ ପୂର୍ବ ପୁରୁଷ ଅମଳରୁ ବସବାସ କରିଆସୁଛନ୍ତି. ପରିବାର ସଂଖ୍ୟା ୧୮୪ ପରିବାର ବାସ କରନ୍ତି। ଲୋକ ସଂଖ୍ୟା ପ୍ରାୟ ୮ ଶହରୁ ଉର୍ଦ୍ଧ୍ୱ। ଏହି ସବୁ ଗ୍ରାମ ଗୁଡିକୁ ଯାତାୟତ ନିମନ୍ତେ ଭଲ ରାସ୍ତା ଘାଟ ନାହିଁ। ଦୁଇ ବର୍ଷ ପୂର୍ବେ ବ୍ଲକ ତରଫରୁ ସାନ୍ଧିମାହା ଛକ ଠାରୁ ମାଟିକେଡ଼ା ମାଟି ରାସ୍ତା ନିର୍ମାଣ ହୋଇଥିଲା ତାହା ସମ୍ପୂର୍ଣ୍ଣ ଖରାପ ହୋଇଗଲାଣି। ଲଗାଣ ବର୍ଷାରେ ରାସ୍ତାର ଯେଉଁ ମାଟି ପଡିଥିଲା ତାହା ଧୋଇ ହୋଇଗଲାଣି, ରାସ୍ତା, ଖାଲ, ଖମା,ରାସ୍ତା ଉପରେ ଦୁଇ ତିନି ଫୁଟ ଗର୍ତ୍ତ ମଧ୍ୟ ହେଇଗଲାଣି। ରାସ୍ତା ଉପରେ ପାହାଡିଆ ପାଣି, ବିଲ ପାଣି ସବୁ ଏହି ରାସ୍ତା ଉପରେ ଜମାଟ ବାନ୍ଧି ରହିଥାଏ ଡ୍ରେନ ର ବି କୌଣସି ସୁବିଧା ମଧ୍ୟ ନାହିଁ। ଫଳରେ ଯାତାୟତ ରେ ବାଧାପ୍ରାପ୍ତ ହୁଏ ଏବଂ ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ମାଟିକେଡ଼ା ଗ୍ରାମକୁ କେବଳ ବ୍ଲକ ତରଫରୁ ମାଟି ରାସ୍ତା ହୋଇଛି କିନ୍ତୁ ଏହି ଗ୍ରାମକୁ ଛାଡିଦେଲେ ଆଉ ଆଠ ଗୋଟି ଗ୍ରାମ ବୁର୍କୀତଟା, ସିଙ୍ଗେରପାଙ୍ଗା, ହରିଜନ ସାହି, ଧରଣୀ ସାହି, ତୁଆପାଙ୍ଗା, କିରାମାହା, ବୁଢ଼ା ବାଦେରୀ, ଭଳି ଅନେକ ଗ୍ରାମକୁ ଯାତାୟତ ନିମନ୍ତେ ନାହିଁ ରାସ୍ତା। ଲୋକେ ବିଲହୁଡ଼ା ଦେଇ ଯାତାୟତ କରନ୍ତି, ଛୋଟ ବଡ ପାହାଡ, ଡ଼ଙ୍ଗର ଚଡି ଚଲା ରାସ୍ତା କରି ଯାତାୟତ କରନ୍ତି। ଏହି ଗ୍ରାମ ଗୁଡିକୁ ଗାଡି ମଟର ତ ଦୂରରକଥା କେବଳ ଗୋଟିଏ ହିଁ ଭରସା ପାଦରେ ଚାଲିକି ଯିବା ପାହାଡ଼ ଅଙ୍କା ବଙ୍କା ରାସ୍ତା ରେ ଯାତାୟତ କରନ୍ତି। ଉକ୍ତ ଗ୍ରାମଗୁଡିକରେ ଗ୍ରୀଷ୍ମ ଋତୁରେ ଯେନତେନ ପ୍ରକାରେ ଲୋକେ ଯାତାୟତ କରନ୍ତି କିନ୍ତୁ ବର୍ଷା ଦିନ ଆସିଲେ ଦୁଃଖ ଦୁର୍ଦ୍ଦଶା ବଢିଯାଏ ଗ୍ରାମର ଲୋକଙ୍କ। ଯୁବାଗୁଡା ନୂତନ ପଂଚାୟତ ଠାରୁ ଦୂରତା ଆଠ କିମି ହେବ। ବର୍ଷା ଦିନରେ ପଂଚାୟତ ରୁ ସରକାର ଦେଉଥିବା ଟଙ୍କା କିଆ ଚାଉଳ ଆଣିଯିବ ବହୁ କଷ୍ଟକର ଏବଂ ବୃଦ୍ଧା ବୃଦ୍ଧି ବାର୍ଦ୍ଧକ୍ୟ ଭତା ଆଣିବାରେ ମଧ୍ୟ ବଂଚିତ। ବର୍ଷା ଦିନରେ ଉକ୍ତ ଗ୍ରାମଗୁଡିକୁ ମେଡିକାଲ କର୍ମଚାରୀ,୧୦୨, ୧୦୮,ଆମ୍ବୁଲାନ୍ସ, କାରଣ ରାସ୍ତା ଘାଟ ନଥିବା ଯୋଗୁଁ ଡାକ୍ତର ମଧ୍ୟ ଆସନ୍ତି ନାହିଁ। ଏହି ମାଟିକେଡ଼ା ଗ୍ରାମ ପୂର୍ବରୁ ଗାର୍ଡପା ନାଳ, ବର୍ଷା ଦିନରେ ଏହି ନାଳ ରେ ପ୍ରବଳ ସ୍ରୋତ ଥାଏ। ଗାର୍ଡପା ନାଳରେ ପୋଲ ନଥିବାଯୋଗୁ ଲୋକଙ୍କ ଯାତାୟତ ଠପ ହେଇଯାଏ. ପ୍ରବଳ ଶ୍ରତ ଯୋଗୁଁ ଏପଟର ଲୋକେ ଏପଟେ, ସେପଟର ଲୋକେ ସେପଟେ ରହନ୍ତି. କିନ୍ତୁ ଝାଡ଼ାବାନ୍ତି, ଜ୍ୱର, ବା ବିଶେଷ କରି ଗର୍ଭବତୀ ଓ ପ୍ରସୂତି ମା ଙ୍କୁ ଲୋକେ ଖଟିଆରେ ବୁହି ବୁହି ନେଇ ଏହି ନାଳ ଠାରେ ରଖି ଏ ଗୋଛ ରୁ ସେ ଗୋଛ କୁ ତାର ବାନ୍ଧି ତାର ସାହାଯ୍ୟରେ ବହୁ କଷ୍ଟରେ ବିପଦ ସଂକୁଳ ଅବସ୍ଥାରେ ଜୀବନକୁ ବାଜିଲଗାଇ ରୋଗୀକୁ ନାଳ ପରି କରି ଶ୍ରୀରାମପୁର ଅରଗ୍ୟ ଚିକିଛା ଲୟକୁ ନେଇଥାନ୍ତି କେହି କେହି ମୃତୁ ବରଣ ମଧ୍ୟ କରିଥାନ୍ତି। ଗ୍ରାମବାସୀ ମାନେ, ଶିକ୍ଷକ ମାନେ ମଧ୍ୟ ଗଛକୁ, ଗୋଛ କୁ ତାର, ଦଉଡି ବାନ୍ଧି ବିପଦ ସଂକୁଳ ଅବସ୍ଥାରେ ରେ ଯାତାୟତ କରନ୍ତି,ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ଗ୍ରାମବାସୀଙ୍କୁ, ଗ୍ରାମବାସୀ କହିବା କଥା କୋଉ ଜନ୍ମ ରେ ଆମେ କୋଉ ପାପ କରିଥିଲୁ ଭଗବାନ ଆମକୁ ଏଭଳି ଦଣ୍ଡ ଦେଉଛନ୍ତି। ଏଥିରେ ଭଗବାନଙ୍କ କୌଣସି ଭୁଲ ନାହିଁ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

# ଦାଦନ ଶ୍ରମିକ ଉଦ୍ଧାର କଲା ବେଲପଡା ପୋଲିସ: ସର୍ଦ୍ଦାର ଫେରାର

ବଲାଙ୍ଗିର, ୨୪/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା ବେଲପଡା ପୋଲିସ ବିଶ୍ୱସ୍ତସୂତ୍ରରୁ ଖବର ପାଇ ବାହାର ରାଜ୍ୟକୁ ଚାଲାଣ ହେବାକୁ ଥିବା ୧୮ ଜଣ ଦାଦନ ଶ୍ରମିକଙ୍କୁ ବେଲପଡା ଥାନା ଅନ୍ତର୍ଗତ ବାଗଦୋର ଗ୍ରାମରୁ ଉଦ୍ଧାର କରିଛି । ଦାଦନ ଶ୍ରମିକମାନେ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଥାନା ଗୁଲୁମି ଗ୍ରାମର ବୋଲି ତଦନ୍ତ ସମୟରେ ଜଣାପଡିଛି । ୫ ଜଣ ପୁରୁଷ ୪ ଜଣ ମହିଳା ଏବଂ ୯ ଜଣ ନାବାଳକ ଏବଂ ନାବାଳିକାଙ୍କୁ ଉଦ୍ଧାର କରି ଥାନାକୁ ଅଣାଯାଇଥିବା ସୂଚନା ମିଳିଛି । ଦାଦନ ସର୍ଦ୍ଦାର ସେମାନଙ୍କୁ ତେଲେଙ୍ଗାନା ରାଜ୍ୟ ସ୍ଥିତ ନିଜମାବାଦ ଚାଲାଣ କରିବା ପାଇଁ ବାଗଦୋର ଗ୍ରାମରେ ରଖିଥିବା ବେଳେ ପୋଲିସ ମାଡ଼ିବସିଥିଲା । ଦାଦନ ସର୍ଦ୍ଦାର କୌଶଳକ୍ରମେ ଖସିପଳାଇଥିବା ବେଳେ ତାକୁ ଧରିବା ପାଇଁ ପ୍ରୟାସ ଜାରି ରଖିଥିବା ବେଲପଡା ପୋଲିସ ତରଫରୁ ସୂଚନା ମିଳିଛି । ଅନ୍ୟ ପକ୍ଷରେ ଦାଦନ ଶ୍ରମିକମାନଙ୍କୁ ତାଙ୍କ ଗ୍ରାମକୁ ପଠାଇ ଦିଆଯାଇଥିବା ବେଳେ ଏନେଇ ବେଲପଡା ଥାନା କେସ ନଂ ୨୯୭/୨୦୨୪ ରେ ଏକ ମାମଲା ରଜୁ କରି ଘଟଣାର ଅଧିକ ତଦନ୍ତ କରୁଥିବା ବେଲପଡା ଥାନାଧିକାରୀ ଅନନ୍ତ ପଧାନ ପ୍ରକାଶ କରିଛନ୍ତି ।

# ଭିଜିଲାନ୍ସ ସଚେତନତା ସପ୍ତାହ ଉପରେ କର୍ମଶାଳା ଅନୁଷ୍ଠିତ

ମାଲକାନଗିରି, ୨୪/୧୦ (ନି.ପ୍ର): ଆଜି କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରି ରେ ଭିଜିଲାନ୍ସ ସଚେତନତା ସପ୍ତାହ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ବିଦ୍ୟାଳୟ ର ବରିଷ୍ଠ ଅଧ୍ୟାପକ ରାମ ବୀର ସିଂହ ଙ୍କ ଅଧ୍ୟକ୍ଷ୍ୟତା ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ର ସମ୍ମାନୀୟା ନ୍ୟାୟାଧକ୍ଷ୍ୟ ଶ୍ରୀମତୀ ସୁଶ୍ରୀ ସଂଗୀତା ପାତ୍ର ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୁପେ ଯୋଗ ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଓକିଲ ଅଶୋକ କୁମାର ପଟ୍ଟନାୟକ, ରାଜେଶ ପଟ୍ଟନାୟକ, ସାଗର ପାଣିଗ୍ରାହୀ ଏବଂ ଶ୍ରୀମତୀ ସଂଯୁକ୍ତା ଦତ୍ତ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇ ବିଭିନ୍ନ ପ୍ରକାର ଦୁର୍ନୀତି ଏବଂ ଏହା ଦେଶ ପାଇଁ କିପରି କ୍ଷତି କାରକ ଏବଂ ଦୁର୍ନୀତି କୁ ରୋକିବା ଦିଗରେ ସାଧାରଣ ନାଗରିକ ର କର୍ତ୍ତବ୍ୟ କଣ ଆଦି ସମ୍ପର୍କ ରେ କେନ୍ଦ୍ରୀୟ ବିଦ୍ୟାଳୟ କର୍ମଚାରୀ ଙ୍କୁ ସଚେତନ କରିଥିଲେ। ନ୍ୟାୟାଧକ୍ଷ ଶ୍ରୀମତୀ ପାତ୍ର ସମସ୍ତଙ୍କୁ ଦୁର୍ନୀତି ବିରୋଧ ରେ ଶପଥ ପାଠ କରାଇଥିଲେ । ସୂଚନା ଯୋଗ୍ୟ ଯେ ଦେଶରେ ଅକ୍ଟୋବର ୨୮ ରୁ ନଭେମ୍ବର ୪ ପର୍ଯ୍ୟନ୍ତ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ କରାଯାଏ । କେନ୍ଦ୍ରୀୟ ବିଦ୍ୟାଳୟ ର ସମସ୍ତ କର୍ମଚାରୀ ବୃନ୍ଦ ଏହି କାର୍ଯ୍ୟାଶାଳା ରେ ଉପସ୍ଥିତ ଥିଲେ ଏବଂ ଅଧ୍ୟାପକ ଅମିତ ଦାସ ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଏବଂ ସଭା ଶେଷ ରେ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ନିଜ ପଦବୀ ବଜାୟୀ ରଖିଲେ କୋରୁକୋଣ୍ଡା ବ୍ଲକର ଅଧ୍ୟକ୍ଷ ଜିତୁ ବୁରୁଡି

ମାଲକାନଗିରି, ୨୪/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ଅନ୍ତର୍ଗତ କୋରୁ କୋଣ୍ଡା ବ୍ଲକର ଅଧ୍ୟକ୍ଷ ଜିତୁ ବୁରୁଡି ନାମରେ ସମସ୍ତ ସମିତି ସଭ୍ୟ ଓ ସଭ୍ୟା ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ପାଇଁ ଆବେଦନ ପତ୍ର ଦାଖଲ କରିଥିଲେ। ଆବେଦନ ପତ୍ରରେ ଉଲ୍ଲେଖ କରାଯାଇଥିଲା ଯେ ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି ସରକାରଙ୍କ ନିୟମ କାନୁନକୁ ନମାନି ନିଜର ନିୟମ ବ୍ଲକରେ ଚଳାଇବା ସହ ସମସ୍ତଙ୍କୁ ଅଣଦେଖା କରୁଥିଲେ। ସମତି ସଭ୍ୟ ଓ ସଭ୍ୟା ପଂଚାୟତ ସମିତିର ଯୋଜନାଗୁଡିକ ସଂପର୍କରେ ପଚାରିଲେ କୌଣସି ସୂଚନା ଦେଉନଥିଲେ ଏବଂ ମନଇଚ୍ଛା ବ୍ୟବହାର କରୁଥିଲେ। ଅନସ୍ଥା ପ୍ରସ୍ତାବ ପାଇଁ ଆବେଦନ କରିବା ପରେ ଆଜି ଥିଲା ଭୋଟ ଗ୍ରହଣ କାର୍ଯ୍ୟକ୍ରମ ଦିନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ସମସ୍ତ ସମିତି ସଭ୍ୟ, ସରପଂଚ, ସାଂସଦ ଏବଂ ବିଧାୟକଙ୍କ ଉପସ୍ଥିତି ସମୟ ଧାର୍ଯ୍ୟ ହୋଇଥିଲା। ଏହି ସମୟ ପରେ ଆସିଲେ କୌଣସି ପ୍ରକାରେ ନିର୍ବାଚନରେ ସାମିଲ ହୋଇପାରିବେ ନାହିଁ ବୋଲି ସଫା ସଫା କୁହାଯାଇଥିଲା। ଦିନ ୧୧ଟା ବାଜିଥିଲେ ମଧ୍ୟ କେହି ଲୋକ ପ୍ରତିନିଧି ଭୋଟ ଗ୍ରହଣ କେନ୍ଦ୍ର ଭିତରେ ପଶିନଥିଲେ। ଯାହାଫଳରେ ଏହି ନିର୍ବାଚନକୁ ରଦ୍ଦ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡି ପୁଣି ନିଜର ପଦବିକୁ ବଜାୟ ରଖିଲେ ବୋଲି ଘୋଷଣା କରାଯାଇଥିଲା। ସୂଚନାଯୋଗ୍ୟ ଯେ ଜିତୁ ବୁରୁଡି ବିଜେଡିର ସମର୍ଥିତ ପ୍ରାର୍ଥୀ। ଅନାସ୍ଥା ପ୍ରସ୍ତାବ ନେଇ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବିଜେଡି ମହଲରେ ତତ୍ପରତା ପ୍ରକାଶ ପାଇଥିଲା। ତୁରନ୍ତ ଦୁଇ ତୃତୀୟାଂଶ ଭୋଟରଙ୍କୁ ବିଜେଡି ଅନ୍ୟତ୍ର ନେଇଯାଇଥିଲେ। କେବଳ କିଛି ଲୋକ ପ୍ରତିନିଧି ହିଁ ଅନ୍ୟ ଦଳ ହାତରେ ରହିଥିଲେ। ଏହି ଅନାସ୍ଥା ପ୍ରସ୍ତାବ ଆଣିଥିବା ଲୋକ ପ୍ରତିନିଧିମାନେ କୁଆଡେ ଗଲେ ବୋଲି ସାଧାରଣରେ ପ୍ରଶ୍ନ ଉଠିଥିଲା। ସମସ୍ତେ ପୁଣି ଏକତ୍ର ହୋଇଯାଇଥିବାରୁ ଏଭଳି ନିର୍ବାଚନରେ କେହି ଆସିଲେ ନାହିଁ ବୋଲି କୁହାଯାଇଛି ।ରା ଜନୀତିରେ ସବୁ ସମ୍ଭବ ବୋଲି କୋରକୋଣ୍ଡାରେ ଆଲୋଚନା ଜୋର ଧରିଥିଲା।

# ଅଖିଳ ବିଶ୍ୱ ଗାୟତ୍ରୀ ପରିବାରର ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ

ବଲାଙ୍ଗୀର, ୨୪/୧୦ (ନି.ପ୍ର): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର କଂଟାବାଞ୍ଜି ଆନୁକୂଲ୍ୟରେ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ରାଜ୍ୟ ଓ ଜିଲ୍ଲା ସ୍ତରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କରାଯାଇଥିଲା। ସୁବାଷ ସିଂଘଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ କଂଟାବାଞ୍ଜି ସ୍ଥିତ ଗାୟତ୍ରୀ ଶକ୍ତିପୀଠ ଠାରେ ସଭାପତି ଅଜୟ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିଶୁ ସାହିତ୍ୟିକ ତଥା ନିର୍ଝରିଣୀର ସଂପାଦକ ବିରଂଚି ନାରାୟଣ ଦାଶ ମୁଖ୍ୟଅତିଥି, ଜିଲ୍ଲା ସଂଯୋଜକ ଟଙ୍କଧର କୁମ୍ଭାର ଯୋଗ ଦେଇଥିଲେ। ରାଜ୍ୟ ସ୍ତରରେ ଉତୀର୍ଣ୍ଣ ହୋଇଥିବା କୃତି ପ୍ରତିଯୋଗୀ ନରେଶ ମେହେର, ପ୍ରୀତମ ମୁରଲୀ, ଜିଲ୍ଲା ସ୍ତରରେ ଚୂଡ଼ାକାନ୍ତୀ ପ୍ରଧାନ, ରାଜକିଶୋର ପାଇକରାୟ, ଶିବାନୀ ପାତ୍ର, ଗାୟତ୍ରୀ ଭାଟି, ନମିତା ବାଗ, ପ୍ରତିଭା ବାଗ, ଇତି ବାରିକ, ସୋମ୍ୟାସିଂ ଠାକୁର, ସୁଜଳ ଗୁରୁ, ଅଙ୍କୁଶ ତାଣ୍ଡି, କ୍ଷେତ୍ର ସାହୁ, ସାହିଲ ବେହେରାଙ୍କୁ ଅତିଥି ବୃନ୍ଦ ପ୍ରମାଣ ପତ୍ର, ସ୍ମୃତି ଫଳକ, ପୁସ୍ତକ ଓ ନଗଦ ଅର୍ଥ ରାଶି ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି ସଭାକୁ ଶ୍ରୀ ନୀଳେନ୍ଦୁ ବେହେରା ପରିଚାଳନା ଓ ଶଶୀକାନ୍ତ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ। ପୂଜକ ସୂର୍ଯ୍ୟ ନାରାୟଣ ବେହେରା, ଶ୍ରୀକାନ୍ତ ବେହେରାଙ୍କ ସମେତ ଶକ୍ତି ପୀଠର କର୍ମକର୍ତା ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀ ଜନଜାତି ଜିବିକା ମିଶନ ସହାୟତାରେ ସ୍ୱାବଲମ୍ବି ହେଲେ ଯୁବ ଉଦ୍ୟୋଗୀ

କନ୍ଧମାଳ, ୨୪/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ାରେ ଆଦିବାସୀ ପରିବାରମାନଙ୍କର ଉନ୍ନତି ପାଇଁ ସରକାରୀ ସ୍ତରରେ ବିଭିନ୍ନ ପଦେକ୍ଷପ ନିଆଯାଉଥିବାବେଳେ ଓଡିଶାରେ କାର୍ଯ୍ୟକାରୀ ହେଉଛି ମୁଖ୍ୟମନ୍ତ୍ରୀ ଜନଜାତି ଜିବୀକା ମିଶନ। କନ୍ଧମାଳ ଜିଲ୍ଲା ରେ ସମନ୍ୱିତ ଆଦିବାସୀ ଉନ୍ନୟନ୍ନ ସଂସ୍ଥା ଫୁଲବାଣୀ ତରଫରୁ ୦୩ ଗୋଟି ବ୍ଲକର ବିଭିନ୍ନ ଅଂଚଳରେ ଏହି ଯୋଜନା ସମନ୍ୱିତ ଆଦିବାସି ଉନ୍ନୟନ ସଂସ୍ଥା ଫୁଲବାଣୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀଙ୍କ ସହାୟତାରେ ପରିଚାଳିତ ହେଉଛି। ଆଇଟିଡିଏର ପ୍ରକଳ୍ପ ନିର୍ଦ୍ଦେଶିକା ଦେବଜାନୀ ଭୂୟାଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳକ ପି. ମୂରଲିଧର ଯୋଜନାକୁ ଗ୍ରାମ୍ୟସ୍ତରରେ ପହଂଚାଇବାକୁ ଚେଷ୍ଟିତ ଅଛନ୍ତି। ଏହି ପରିପ୍ରେକ୍ଷୀରେ ଆଦିବାସୀ ପରିବାରଗୁଡିକର ଆର୍ଥୀକ ସ୍ୱଚ୍ଛଳତାକୁ ଆଖିଆଗରେ ରଖି କିଛି କିଛି ଗାଁରେ ଯୁବ ଉଦ୍ୟୋଗୀମାନଙ୍କୁ ଚିହ୍ନଟ କରି ବିଭିନ୍ନ କୃଷି ଓ ଅଣକୃଷି ଭିତିକ ଉଦ୍ୟୋଗ ପାଇଁ ଏକଲକ୍ଷ ଲେଖା ଟଙ୍କା ସହାୟତା ଯୋଗାଇବା ସହ ନିଜର ମଧ୍ୟ କିଛି ଟଙ୍କା ବିନିଯୋଗ କରି ଆଗକୁ ବଢିବାର ପ୍ରୟାଶ ଜାରିରହିଛି। ସେହିପରି ଜଣେ ଉଦ୍ୟୋଗୀ ହେଉଛନ୍ତି ଖଜିରିପଡା ବ୍ଲକ ଅର୍ନ୍ତଗତ ସୁଡ୍ରୁକୁମ୍ପା ଗ୍ରାମପଂଚାୟତ ର ପାଡିଆମ୍ବା ଗ୍ରାମ ଅର୍ନ୍ତଗତ ଭଗବତ ସ୍ୱାମୀ ଜନଜାତି ପରିଷଦ ର ପଦ୍ମ ଚରଣ ନାୟକ। ସେ ଅନୁଷ୍ଠାନ ଙ୍କ ଠାରୁ ଏକ ଲକ୍ଷ ଟଙ୍କା ସହାୟତା ନେଇ ସେଥିରେ ନିଜର ଚାଳିଶ ହଜାର ଟଙ୍କା ମିଶାଇ ମୁଢି ବ୍ୟବସାୟ କରିବାକୁ ସ୍ଥିର କରିଥିଲେ। ଆଗରୁ ମୁଢି ତିଆରି କରି ବିକି କିଛି ଦୁଇପଇସା ରୋଜଗାର କରୁଥିଲେ ବି ବ୍ୟବସାୟ କୁ ବଡ ଧରଣ କରି ବାକୁ ଚାହିଁଲେ ମଧ୍ୟ ପଇସା ଅଭାବରୁ ଆଗକୁ ବଢି ପାରୁନଥିଲେ। କିନ୍ତୁ ଏହି ଯୋଜନା ମାଧମରେ ସହାୟତା ପାଇବା ପରେ ସେ ଗୋଟିଏ ଦୁଇଚକିଆ ଲୁନା ଗାଡିକିଣି ସେଥିରେ ଲଦି ତାଙ୍କର ବ୍ୟବସାୟକୁ ବଢାଇ ଆଜି ମାସକୁ ୨୫ ହଜାରରୁ ୩୦ ହଜାର ପର୍ଯ୍ୟନ୍ତ ଟଙ୍କା ରୋଜଗାର କରିପାରିଛନ୍ତି।

# ସେଲ ଆରଏସପିରେ ଆଗାମୀ ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୪ ପାଳନ ଉପଲକ୍ଷେ ପ୍ରତିଯୋଗିତା ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ



ରାଉରକେଲା, ୨୪/୧୦ (ନି.ପ୍ର): ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୪ ପାଳନର ଅଂଶ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନାର ଭିଜିଲାନ୍ସ ବିଭାଗ ଦ୍ୱାରା ଅକ୍ଟୋବର ୨୨ ତାରିଖରେ ବାସନ୍ତୀ କଲୋନୀ ନିକଟସ୍ଥ ଡକ୍ଟର ଏ ଏନ ଖୋସଲା ଡ଼ିଏଭି ପବ୍ଲିକ ସ୍କୁଲରେ ଏକ ପୁରସ୍କାର ବିତରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଭିଜିଲାନ୍ସ ବିଭାଗର ସିଜିଏମ ତଥା ଏସିଭିଓ ଶ୍ରୀ ସୁବ୍ରତ ପ୍ରହରାଜ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଏହି ଅବସରରେ ଜିଏମ୍ (ଭିଜିଲାନ୍ସ) ଶ୍ରୀ ମନୋଜ ଅଗ୍ରୱାଲ, ଡିଏଭି ପବ୍ଲିକ୍ ସ୍କୁଲ୍ ର ଅଧ୍ୟକ୍ଷ ଶ୍ରୀ ଲୋକେନାଥ ପ୍ରଧାନ, ଏବଂ ବିଦ୍ୟାଳୟର ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ତଥା ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀ ପ୍ରହାରାଜ ଛାତ୍ରଛାତ୍ରୀମାନଙ୍କୁ ଅଖଣ୍ଡତା ସଂକଳ୍ପ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଭିଜିଲାନ୍ସ ଇନ୍ସପେକ୍ଟର ଶ୍ରୀ ଗୌତମ କୁମାର ଦାସ ଏକ ସଚେତନତା କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ପୁରସ୍କାର କାର୍ଯ୍ୟକ୍ରମକୁ ସ୍କୁଲର ଶିକ୍ଷକ ଶ୍ରୀ ଅଭୟ କାନ୍ତ ଚୌଧୁରୀ ସଂଯୋଜନା କରିଥିଲେ। ଅକ୍ଟୋବର ୨୧ ତାରିଖ ଦିନ ସେକ୍ଟର ୨୦ ସ୍ଥିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଅନୁରୂପ ଉତ୍ସବ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭିଜିଲାନ୍ସ ବିଭାଗର ସି ଜି ଏମ ଓ ଏ ସି ଭି ଓ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସହର ସେବା ବିଭାଗର ଜି ଏମ ଇନ ଚାର୍ଜ ଶ୍ରୀ ଟି ଜି କାନେକର, ସେକ୍ଟର ୨୦ ଇସ୍ପାତ ଇଂରାଜୀ ମାଧ୍ୟମ ବ୍ୟବଦ୍ୟାଳୟ ର ଅଧ୍ୟକ୍ଷା ଡକ୍ଟର ସୁଶ୍ରୀତା ଦାସ, ଏବଂ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ସମେତ ଭିଜିଲାନ୍ସ ବିଭାଗ ର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ପୁରସ୍କାର ବିତରଣ ଉତ୍ସବରେ ଇସ୍ପାତ ଇଂରାଜୀ ମାଧ୍ୟମ ବ୍ୟବଦ୍ୟାଳୟ ର ଶିକ୍ଷୟିତ୍ରୀ ସୁଶ୍ରୀ ସୁପ୍ରିୟା ବରୁଆ ସଂଯୋଜନା କରିଥିଲା। ଅନ୍ୟ ଏକ କାର୍ଯ୍ୟକ୍ରମରେ, ଦିଲ୍ଲୀ ପବ୍ଲିକ୍ ସ୍କୁଲ, ସେକ୍ଟର-୧୪ର ଛାତ୍ରଛାତ୍ରୀମାନଙ୍କ ପାଇଁ ଅକ୍ଟୋବର ୨୩ ଓ ୨୪ ତାରିଖରେ ଯଥାକ୍ରମେ କୁଇଜ୍ ଏବଂ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଏଥିରେ ୧୨୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ମାଙ୍ଗାନିଜ ଚୋରା ଚାଲାଣ ବେଳେ ଟ୍ରକ୍ ଜବତ : ୨ ଗିରଫ

ଚମ୍ପୁଆ, ୨୪/୧୦ (ନି.ପ୍ର): କୋଇଡା ଅଂଚଳରୁ ମାଙ୍ଗାନିଜ ଚୋରା ଚାଲାଣ ବେଳେ ରିମୁଳି ନିକଟରେ ଏକ ଟ୍ରକକୁ ଜବତ କରିଛି ଚମ୍ପୁଆ ପୋଲିସ। ଏହି ମାମଲାରେ ଟ୍ରକ ଡ୍ରାଇଭର ସହିତ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଗତ ରାତି ସୁନ୍ଦରଗଡ ଜିଲ୍ଲାର କୋଇଡା ଅଂଚଳରୁ ମାଙ୍ଗାନିଜ ଚୋରା ଚାଲାଣ ହେଉଥିବା ବେଳେ ଚମ୍ପୁଆ ପୋଲିସ ରିମୁଳି ନିକଟରେ ସମ୍ପୃକ୍ତ ଟ୍ରକକୁ ଜବତ କରିଥିଲା। ଏଥିସହିତ ଟ୍ରକ ଡ୍ରାଇଭରକୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଡ୍ରାଇଭର ଝାଡ଼ଖଣ୍ଡ ସାନଝିଙ୍କପାଣି ଗ୍ରାମର ଦେବ ଚରଣ ନାଏକ ବୋଲି ଜଣାପଡିଛି। ଅନ୍ୟ ପଟେ ଏହି ମାମଲାରେ ସମ୍ପୃକ୍ତ ରୁଗୁଡି ଥାନା ଅଂଚଳର ଅମରନାଥ ନାଏକକୁ ମଧ୍ୟ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜବତ ମାଙ୍ଗାନିଜ ଗୁଡ଼ିକର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି।

# ସମସ୍ୟାଘେରରେ ଶ୍ରୀରାମପୁର ପଂଚାୟତ

କନ୍ଧମାଳ, ୨୪/୧୦ (ନି.ପ୍ର): କନ୍ଧମାଳ ଜିଲ୍ଲାର ଶତାଧିକ ଗ୍ରାମକୁ ଆଜି ପର୍ଯ୍ୟନ୍ତ ସବୁ ଦିନିଆ ରାସ୍ତା ନଥିବା ଯୋଗୁଁ ଅଂଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାହାର ଜ୍ୱଳନ୍ତ ଉଦାହରଣ ହେଉଛି କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକର ଦୁର୍ଗମ ପଂଚାୟତ ଶ୍ରୀରାମପୁର। ଉକ୍ତ ପଂଚାୟତର ଶେଷ ସୀମାରେଖାରେ ଗଠିତ ଶ୍ରାମ୍ଭୀ, ବଡ ସାହି, ମଝୀ ସାହି, ଲଡୁଡ଼ି ସାହି, ମହୁଲ ଭଜା, ମେରାଗୁଡ଼ି, ଡଙ୍ଗା ବାଦେରୀ ଭଳି ଅନେକ ଗ୍ରାମ ଅଛି। ଏହି ସବୁ ଗ୍ରାମ ଗୁଡିକରେ ଲୋକେ ପୂର୍ବ ପୁରୁଷ ଅମଳରୁ ବସବାସ କରି ଆସୁଛନ୍ତି। ଯାତାୟତ ପାଇଁ ଭଲ ରାସ୍ତାଟିଏ ନାହିଁ। ଫଳରେ ଆଜି ମଧ୍ୟ ଏହି ସବୁ ଗ୍ରାମଗୁଡିକରେ ବିକାଶ ଏକ ପ୍ରକାର ଅପହଂଚ। ଗତ ୧୦ ବର୍ଷ ପୂର୍ବେ ମାଟି ରାସ୍ତା ହୋଇଥିଲା ତାହା ଏବେ ସମ୍ପୂର୍ଣ୍ଣ ଖରାପ ହୋଇଗଲାଣି ପରିସ୍ଥିତି ଏଭଳି ହେଲାଣି ଯେ ଚାଲିକି ଯିବା ମଧ୍ୟ ଏକ ପ୍ରକାର ଅସମ୍ଭବ। ପାହାଡିଆ ପାଣି ଆସି ରାସ୍ତା ଉପରେ ମାଡିଥାଏ। ଫଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି। ରାସ୍ତାର ବିଭିନ୍ନ ସ୍ଥାନରେ ପ୍ରାୟ ୨ ଫୁଟ ଗଭୀର ଗର୍ତ୍ତ ଦେଖିବାକୁ ମିଳୁଛି। ବର୍ଷା ହୋଇଗଲେ ଶ୍ରୀରାମପୁର ପଂଚାୟତ, କୋଟଗଡ ବ୍ଲକ, ତହସିଲ କାର୍ଯ୍ୟାଳୟ, ବଜାରକୁ ଯାତାୟତ ଠପ୍ ହୋଇଯାଏ। ସରକାରଙ୍କ ପକ୍ଷରୁ ଶ୍ରୀରାମପୁର ପଂଚାୟତରେ ଦିଆଯାଉଥିବା ସରକାରୀ ଚାଉଳ ମଧ୍ୟ ଆଣିବା ଏକ ପ୍ରକାର ଅସମ୍ଭବ ହୋଇପଡୁଛି। ପାନୀୟ ଜଳର ଘୋର ସମସ୍ୟା । ଗ୍ରାମରେ ନା ଅଛି ନଳକୂପ ନା ଅଛି କୁଅ ନା ଅଛି ସୋଲାର ପାଣି ଟାଙ୍କି। ୫ ବର୍ଷ ପୂର୍ବେ ସରକାରଙ୍କ ତରଫରୁ ବସୁଧା ପାଣି ଟାଙ୍କି ଦିଆଯାଇଥିଲା ସତ କିନ୍ତୁ ଆଜି ପର୍ଯ୍ୟନ୍ତ ଗ୍ରାମରେ କୌଣସି କାର୍ଯ୍ୟକାରି ହୋଇପାରୁନାହିଁ। ଶେଷରେ ଗ୍ରାମବାସୀ ମାନେ ବାଧ୍ୟ ହୋଇ ଗ୍ରାମ ଠାରୁ ପ୍ରାୟ ୧ କି.ମି. ଦୂରତାକୁ ଗଲେ ଏକ ପାହାଡିଆ ଚୁଆ ଦେଖିବାକୁ ମିଳେ ସେହି ଚୁଆ ପାଣିକୁ ଗରା, ମାଠିଆ, ହାଣ୍ଡି, ବାଲ୍ଟି ରେ ଗାମୁଛା ପକାଇ ଛାଣି ଆଣି ପାନୀୟ ଜଳ ରୂପେ ବ୍ୟବହାର କରନ୍ତି। ସେହି ଦୂଷିତ ପାଣିରେ ଗାଈ, ଛେଳି, ଘୁଷୁରୀ, କୁକୁର, ମଇଁଷି, ମେଣ୍ଢା ଭଳି ବିଭିନ୍ନ ଗୃହପାଳିତ ପଶୁପକ୍ଷୀଙ୍କୁ ଗାଧୋଇ ଦିଅନ୍ତି। ସେହି ଦୂଷିତ ପାଣିକୁ ବ୍ୟବହାର କରି ବୃକକ, କିଡ଼ନୀ ରୋଗ, ଝାଡାବାନ୍ତି, ମ୍ୟାଲେରିଆ, ଚର୍ମ ରୋଗ ଭଳି ଅନେକ ରୋଗରେ ଗ୍ରାମବାସୀମାନେ ଆକ୍ରାନ୍ତ ହୋଇଥାନ୍ତି। ବିଦ୍ୟୁତ ଆଲୋକ କଥା ନକହିବା ଭଲ, କାରଣ ଗ୍ରାମରେ ବିଦ୍ୟୁତ ସଂଯୋଗ ହୋଇଛି କିନ୍ତୁ ମାସିକ ୩୦ ଦିନରୁ ୪/୫ ଦିନ କେବଳ ବିଜୁଳି ରହେ ତାହା ବି ଲୋଭୋଲ୍ଟେଜ। ଏବେ ଏକ ମାସରୁ ଉର୍ଦ୍ଧ୍ୱ ହେବ ଗ୍ରାମରେ ବିଦ୍ୟୁତ ନାହିଁ। ଶେଷରେ ଗ୍ରାମବାସୀ ମାନଙ୍କ ଏକ ହିଁ ଭରସା ଡିବିରୀ ଜାଳି ଜୀବନଯାପନ କରୁଛନ୍ତି। ଉକ୍ତ ଗ୍ରାମ ଗୁଡିକରେ କେବଳ ଆଦିବାସୀ ସମ୍ପ୍ରଦାୟର ଲୋକେ ହିଁ ବସବାସ କରନ୍ତି। ଜଙ୍ଗଲରେ ତାର ଛିଡି ରାସ୍ତା ଉପରେ ପଡିଛି। ମାସ ମାସ ଧରି ବିଦ୍ୟୁତ କର୍ମଚାରୀଙ୍କ ପତା ମିଳୁନି କି ଗ୍ରାମକୁ ଯାଉନାହାନ୍ତି। ଏହି ବିଦ୍ୟୁତ ତାର ଛିଡ଼ିକି ରାସ୍ତା ଉପରେ ପଡିଛି। ଗାଡି ମୋଟର ଯାତାୟତ କଲା ବେଳେ ସେ ରାସ୍ତା ଉପରେ ବିଦ୍ୟୁତ ତାର ପଡି ରହିଛି କେତେବେଳେ କଣ ହେବ କିଛି କହି ହେଉନାହିଁ। ଯାହା ଫଳରେ ଗାଡିବାଲାଙ୍କ ଯାତାୟତରେ ବହୁ ଅସୁବିଧା ହେଉଛି ଓ ବିପଦସଂକୁଳ ଅବସ୍ଥାରେ ଲୋକେ ଆଉ ଗାଡି ମୋଟର ଯାତାୟତ କରୁଛି ତଥାପି ବିଦ୍ୟୁତ କର୍ମଚାରୀଙ୍କ ନଜର ନାହିଁ ଡାକିଲେ କହୁଛନ୍ତି ଟଙ୍କା ଦେଲେ ଆସିବୁ ବୋଲି। ଏହି ବିଦ୍ୟୁତ ବିଭାଗର କର୍ମଚାରିଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ମାସରୁ ଉର୍ଦ୍ଧ୍ୱ ହେଲା ଆଜି ପର୍ଯ୍ୟନ୍ତ ଶ୍ରାମ୍ଭୀ ଗ୍ରାମକୁ ଯାଉନାହାନ୍ତି। ଗ୍ରାମବାସୀ ଓ୍ୱାର୍ଡମେମ୍ବର ତିଡୁଙ୍ଗି ସୁନାମାଝି, ଦେବନାଥ ପାଟମାଝି, ବଣ୍ଡା ବଡ଼ ମାଝୀ, ବିନୋଦ ମଲିକ, ଅଲିଓ ମଲିକ, ଅମିତ ସୁନା ମାଝୀ, ସୁମକାନ୍ତ ମଲିକ, ପିତ ପ୍ରଧାନ, ବର୍ଗ ମଲିକ, ଡାଳପା ପାଟମାଝି, ମୁକୁନ୍ଦ ମଲିକ, ଲୁକଶା ମଲିକ, ରବି ପାଟମାଝି,ରୁନିତା ମଲିକ, ଅଞ୍ଜଳୀନ ପାଟମାଝି, ରିମିତା ସୁନାମାଝି, ଏଲିନା ପ୍ରଧାନ, ନିରନ୍ତି ମଲିକ, ଅମ୍ବିକା ପ୍ରଧାନ, ମାରିଆ ପ୍ରଧାନ, ତିଲ ପାଟମାଝି ପ୍ରମୁଖ ଉକ୍ତ ଗ୍ରାମ ଗୁଡିକୁ ରାସ୍ତା ଘାଟ, ପାନୀୟ ଜଳ, ବିଦ୍ୟୁତ ଆଲୋକ ଭଳି ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି।

# ଲକ୍ଷ୍ମୀ ବସ୍ ଚଳାଇବା ପାଇଁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଜୟପୁର, ୨୪/୧୦ (ନି.ପ୍ର): ଲକ୍ଷ୍ମୀ ବସ୍ ଚଳାଇବା ପାଇଁ ଆଜି ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର କୋରାପୁଟ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ପବ୍ଲିକ୍ ରାଇଟ୍ସ ଆସୋସିଏସନ୍ ପକ୍ଷରୁ ଦିଆଯାଇଥିବା ଏହି ପତ୍ରରେ କୁହାଯାଉଛି ଯେ, ଜିଲ୍ଲାର ୧୪ଟି ବ୍ଲକ ପାଇଁ ଗତ ଜାନୁଆରୀ ମାସରେ ୧୨ଟି ବସ୍ ଟାୟାର-ଟୁ ଯାହାକି ବ୍ଲକ୍ ରୁ ଜିଲ୍ଲା ସଦର ମହକୁମା ଚାଲିବାକୁ ଆସିଥିଲା । କିନ୍ତୁ ଏଗୁଡ଼ିକ ୯ ମାସ ହେବ ଜୟପୁର ଓଏସଆରଟିସି ବସ୍ ଡିପରେ ପଡ଼ି ରହିଛି । ଗତ ଅଗଷ୍ଟ ମାସରୁ ଏହି ବସ୍ ପାଇଁ ରୁଟ୍ ଆବେଦନ ଆର୍ ଟି ଓ ଙ୍କ ନିକଟରେ କରାଯାଇଛି । ତେଣୁ ତୁରନ୍ତ ଏଗୁଡ଼ିକୁ ରୁଟ ପ୍ରଦାନ କରାଯାଇ ଚଳାଇବାକୁ ଦାବୀ କରାଯାଇଛି । ଏହି ଦାବୀପତ୍ର ପ୍ରଦାନ ବେଳେ ସଂଘ ପକ୍ଷରୁ ଦେବେନ୍ଦ୍ର ବାହିନୀପତି, ବାଲା ରାୟ, ରାଜେନ୍ଦ୍ର କୁମାର ଗୌଡ, ଅରବିନ୍ଦ ଦୋରା, ବିଭୂତି ରଞ୍ଜନ ମହାପାତ୍ର, ତେଜେଶ୍ୱର୍ ପଣ୍ଡା, ରାଜେନ୍ଦ୍ର ସାହୁ,ଶରତ ଅଧିକାରୀ, ଲିଙ୍ଗରାଜ ପାଳ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଦାବିପତ୍ରର ଏକକିତା ନକଲ କୋରାପୁଟ ଆର୍ ଟି ଓ ଙ୍କୁ ମଧ୍ୟ ପ୍ରଦାନ କରାଯାଇଛି ।




# ତଣ୍ଡାମୁଣ୍ଡା ଘାଟି ଜଙ୍ଗଲରେ ପଡ଼ିଛି ଯୁବକ ଯୁବତୀଙ୍କ ମୃତଦେହ: ପୋଲିସ ତଦନ୍ତ ଜାରି

ବଲାଙ୍ଗିର, ୨୪/୧୦ (ନି.ପ୍ର):ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ଅନ୍ତର୍ଗତ ତଣ୍ଡାମୁଣ୍ଡା ଘାଟି ଜଙ୍ଗଲରେ ପଡ଼ିଛି ଯୁବକ ଯୁବତୀଙ୍କ ମୃତଦେହ । ଅର୍ଦ୍ଧନଗ୍ନ ଅବସ୍ଥାରେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ବେଳେ ସେଇ ପାଖରେ ପଡ଼ିଛି ଯୁବତୀଙ୍କ ମୃତଦେହ । ଏହି ଘଟଣା ସାରା ବଲାଙ୍ଗିର ଜିଲ୍ଲାରେ ଚହଳ ସୃଷ୍ଟି କରିଥିବା ବେଳେ ଏହି ହତ୍ୟାକାଣ୍ଡର କାରଣ କ'ଣ ହୋଇପାରେ, ସେ ଦିଗରେ ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି । ଗତ ରାତିରେ ଏହି ଯୁବକ ଯୁବତୀଙ୍କ ମୃତଦେହ ପଡ଼ିଥିଲା। ଆଜି ସକାଳୁ ଲୋକେ ମୃତଦେହ ଦେଖି ପୁଇନ୍ତଲା ପୋଲିସ୍ କୁ ଖବର ଦେଇଥିଲେ। ପୋଲିସ ଦଳ ପହଂଚିବା ପରେ ବଲାଙ୍ଗିର ଏସପି ହୃଷୀକେଶ ଖିଲାରି ଓ ଏସଡିପିଓ ପ୍ରଦୀପ ସାହୁ ଡ୍ରଗ ସ୍କ୍ୱାର୍ଡ ସାଇଂଟିଫିକ୍ ଟିମ୍ ପହଂଚି ତଦନ୍ତ ଆରମ୍ଭ କରଛନ୍ତି। କିଏ ମାରିଲା ? କାହିଁକି ମାରିଲା ? କେମିତି ପରିସ୍ଥିତିରେ ଯୁବକ ଯୁବତୀଙ୍କୁ ହତ୍ୟା କରାଯାଇଥିବ ? କ'ଣ ରହିଛି ଏହି ହତ୍ୟାକାଣ୍ଡର ରହସ୍ୟ ? ଏହି ଘଟଣା ପଛରେ ପ୍ରେମ ସଂପର୍କ ରହିଛି କି ? ନା' ଆଉ କୌଣସି କାରଣରୁ ହତ୍ୟା କରାଯାଇଛି ଯୁବକ ଯୁବତୀଙ୍କୁ ? ଏସବୁ ଦିଗରେ ଏବେ ଛାନ୍‌ଭିନ୍ ? କରୁଛି ବଲାଙ୍ଗିର ପୋଲିସ । ଘଟଣାସ୍ଥଳରେ ଖୋଦ୍ ଏସପି ରିଷିକେଶ ଖିଲାରୀ । ତଦନ୍ତରେ ଲାଗି ପଡ଼ିଛନ୍ତି ଡ୍ରଗ୍ ସ୍କ୍ୱାର୍ଡ ସହ ସାଇଟିଫିକ୍ ଟିମ୍।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଅଧରାତ୍ରିରେ...

ବୋଲି ଆଗରୁ ସୂଚନା ଦେଇ ସାରିଛନ୍ତି ଓଗଉ ଡିଜି ମୃତ୍ୟୁଞ୍ଜୟ ମହାପାତ୍ର। ପ୍ରବଳ ବର୍ଷା ହେଲେ ବନ୍ୟା ଆଶଙ୍କା ସୃଷ୍ଟି ହୋଇପାରେ। କେଉଁ କେଉଁ ନଦୀ ସବୁ ଫୁଲି ଉଠିବ ଓ ଉଛୁଳିବ ? କେଉଁଠି ସୃଷ୍ଟି ହେବ ବନ୍ୟା ? କୁହାଯାଉଛି ଉତ୍ତର ଓ ଉପକୂଳ ଓଡ଼ିଶା ଦେଇ ପ୍ରବାହିତ ହେଉଥିବା ପ୍ରମୁଖ ନଦୀ, ଯେମିତିକି ବୁଢାବଳଙ୍ଗ, ସାଳନ୍ଦୀ, ଜଳକା, ସୁବର୍ଣ୍ଣରେଖା, ବୈତରଣୀ ଓ ବ୍ରାହ୍ମଣୀ ଆଦି ନଦୀ ଫୁଲିବାର ସମ୍ଭାବନା ରହିଛି। ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେଲେ ଶିମିଳିପାଳରୁ ପାଣି ଆସି ବୁଢାବଳଙ୍ଗ ନଦୀରେ ପଶିବ। ଅନ୍ୟପକ୍ଷରେ ବାତ୍ୟା ପ୍ରକୋପରେ ୧ରୁ ୨ ମିଟର ଉଚ୍ଚର ଜୁଆର ଉଠିବା ଯୋଗୁଁ, ନଦୀ ବାଟେ ପ୍ରାୟ ୧ କିଲୋମିଟରରୁ ୩ କିଲୋମିଟର ଯାଏଁ ଲୁଣାପାଣି ପଶିଆସିବ। ଆଉ ଏଥିଯୋଗୁଁ ବଙ୍ଗୋପସାଗରରେ ମିଶୁଥିବା ଅଧିକାଂଶ ନଦୀର ପାଣି ଶୀଘ୍ର ସମୁଦ୍ରକୁ ଯାଇପାରିବ ନାହିଁ। ଫଳରେ ବନ୍ୟା ପାଣି ଗାଁ ଗଣ୍ଡାରେ ପଶିବା ଆଶଙ୍କା ଉପୁଜିଛି। ସେପଟେ ବାତ୍ୟା ଓ ପ୍ରବଳ ବର୍ଷା ଭଳି ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଗଲାଣି।

## ବନ୍ୟା ଆଶଙ୍କା: ପ୍ରଭାବିତ...

ଆଗଉଥିବା ବେଳେ, ଆଉ ପ୍ରାୟ ୩ ଘଣ୍ଟା ପରେ ଆରମ୍ଭ ହେବ ଲ୍ୟାଣ୍ଡଫଲ୍ ପ୍ରକ୍ରିୟା। ଆଜି ମଧ୍ୟରାତ୍ରରୁ ଆସନ୍ତାକାଲି ସକାଳ ମଧ୍ୟରେ ଏହା ଭିତରକନିକା ଓ ଧାମରା ମଧ୍ୟରେ ଲ୍ୟାଣ୍ଡଫଲ୍ କରିବ। ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାରେ ପବନ ବଢୁଛି। ଏବେ ୩ ଜିଲ୍ଲାର ଉପକୂଳ ଅଞ୍ଚଳରେ ଘଣ୍ଟାପ୍ରତି ୬୦ରୁ ୮୦ କିମି ବେଗରେ ପବନ ହେଉଛି। ପବନ ବଢ଼ିବା ସହ ଜୁଆର ବଢ଼ିଛି ଏବଂ ବର୍ଷା ମଧ୍ୟ ହେଉଛି। ବାତ୍ୟା ଦାନା ସ୍ଥଳଭାଗ ଛୁଇଁଲା ବେଳେ ପବନ ବେଗ ୧୦୦ରୁ ୧୨୦କିମି ରହିବ।

## ବାଲେଶ୍ୱରରେ ଘରୋଇ...

ବାତ୍ୟା ସମୟରେ ଏହି ସବୁ ରୁଟ୍‌ରେ ବସ୍ ଚାଲିବ ନାହିଁ। ବସ୍ ବନ୍ଦ ନେଇ ଘରୋଇ ବସ୍ ମାଲିକ ସଂଘର ସୂଚନା ଦେଇଛି। ବାତ୍ୟା ସମୟରେ ଯେପରି କୌଣସି ଅଘଟଣ ନଘଟେ ଓ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଘରୋଇ ବସ୍ ମାଲିକ ସଂଘ ବସ୍ ଚଳାଚଳ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ସେପଟେ ବାତ୍ୟା ଆଲର୍ଟ ପାଇଁ ଚାନ୍ଦିପୁର ବେଳାଭୂମିରେ ପୁଲିସର ପଇଁତରା ମାରୁଛି। ବେଳାଭୂମିରେ କେହି ପର୍ଯ୍ୟଟକ କିମ୍ବା ଦୋକାନୀ ନ ରହିବାକୁ କୁହାଯାଇଛି। ବର୍ଷା ଓ ପବନ ବେଗ ବଢୁଥିବାରୁ ସତର୍କ ରହିବା ସହ ସୁରକ୍ଷିତ ସ୍ଥାନକୁ ଯିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ଜଗତସିଂହପୁର, ବାଲେଶ୍ୱର, କେନ୍ଦ୍ରାପଡା ଓ ଭଦ୍ରକରେ ବାତ୍ୟାର ଅଧିକ ପ୍ରଭାବ ରହିବ। ପ୍ରବଳରୁ ଅତି ପ୍ରବଳ ପର୍ଷା ହେବା ସହ ଭୟଙ୍କର ପବନ ବହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ତେଣୁ ବାଲେଶ୍ୱର ଜିଲ୍ଲାରେ ସମୁଦାୟ ୧୪୪ଟି ବାତ୍ୟା ଆଶ୍ରୟସ୍ଥଳୀ ଏବଂ ଅନେକ ସ୍କୁଲ୍ ଘରେ ଏ ପର୍ଯ୍ୟନ୍ତ ୩୦ ହଜାର ଲୋକଙ୍କୁ ସ୍ଥାନାନ୍ତରଣ କରା ସରିଛି। ତଳିଆ ଅଞ୍ଚଳର ଲୋକଙ୍କୁ ଉଚ୍ଚସ୍ଥାନ ଏବଂ ବାତ୍ୟା ଆଶ୍ରୟସ୍ଥଳିକୁ ସ୍ଥାନାନ୍ତରଣ କରାଯାଇଛି। ଏହି ସମୟରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂବାନୁମାନ କରାଯାଇଛି। ଏହିସବୁ ଜିଲା ପାଇଁ ଅରେଞ୍ଜ ଓ୍ୱାର୍ନିଂ ଜାରି କରାଯାଇଛି।

## ନିର୍ବାଚନ ପୂର୍ବରୁ ଶରଦ...

କରୁଛୁ ଉଭୟ ପକ୍ଷ ଆମର ନିର୍ଦ୍ଦେଶ ପାଳନ କରିବେ। ନିଜ ପାଇଁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରନ୍ତୁ ନାହିଁ। ଯଦି ଆମର ଅନୁଭବ ହେବ ଯେ ଆମର ଆଦେଶକୁ ଉଲ୍ଲଂଘନ କରିବାକୁ ଚେଷ୍ଟା କରାଯାଉଛି, ତେବେ ଆମେ ନିଜଆଡୁ ଅବମାନନା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବୁ।' ଆସନ୍ତା ନଭେମ୍ବର ୬ରେ ଏହି ପ୍ରସଙ୍ଗରେ ଅଧିକ ଶୁଣାଣି ହେବ। ଉଲ୍ଲେଖଯୋଗ୍ୟ, ନଭେମ୍ବର ୨୦ରେ ମହାରାଷ୍ଟ୍ରର ୨୮୮ ବିଧାନସଭା ଆସନ ପାଇଁ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ନଭେମ୍ବର ୨୩ରେ ଫଳାଫଳ ପ୍ରକାଶ ପାଇବ।

## ୮୫ ବିମାନକୁ ...

ଏଠାରେ ରହିଥିବା ବେଙ୍ଗାଲୁରୁ-ଝାରସୁଗୁଡ଼ା ଇଣ୍ଡିଗୋ ବିମାନକୁ ବୋମା ଧମକ ମିଳିଥିଲା। ବିମାନଟି ଝାରସୁଗୁଡ଼ାରେ ଓହ୍ଲାଇବା ପରେ ଡଗ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ ହୋଇଥିଲା। ହେଲେ ବୋମା ମିଳିନାହିଁ। ଓଡ଼ିଶାର ବ୍ୟତୀତ ଆଉ କିଛି ଏୟାରପୋର୍ଟରେ ମଧ୍ୟ ବୋମା ଗୁଜବ ପରେ ଯାଞ୍ଚ କରାଯାଇଛି। ଏହାକୁ ମିଶାଇ ଗତ ୧୦ ଦିନ ମଧ୍ୟରେ ୨୫୦ରୁ ଅଧିକ ବିମାନକୁ ଏପରି ବୋମା ଧମକ ମିଳି ସାରିଲାଣି। ମିଳିଥିବା ସୂଚନା ଅନୁସାରେ, ଆଜି ଏୟାର ଆକାଶର ୨୫ଟି, ଏୟାର ଇଣ୍ଡିଆର ୨୯, ଇଣ୍ଡିଗୋର ୨୦ ଓ ଭିସ୍ତାରର ୨୦ଟି ବିମାନକୁ ବୋମା ଧମକ ମିଳିଥିଲା। ଏହା ପୂର୍ବରୁ ଆଉ ୧୭୦ଟି ବିମାନକୁ ସମାନ ଧରଣର ବୋମା ଧମକ ମିଳିଥିଲା। ସବୁଥର ଭଳି ଏଥର ମଧ୍ୟ ଏହା କେବଳ ଏକ ଗୁଜବ ଥିବା ପ୍ରମାଣିତ ହୋଇଛି। ସୋଶାଲ ମିଡିଆରେ ମିଳୁଥିବା ଏପରି ଧମକ ଯୋଗୁ ଶତାଧିକ ଯାତ୍ରୀ ପ୍ରଭାବିତ ହେଉଛନ୍ତି। ସରକାର ଏପରି ଧମକପୂର୍ଣ୍ଣ ମିଛ କଲକୁ ଧର୍ତ୍ତବ୍ୟ ଅପରାଧ ଶ୍ରେଣୀରେ ସାମିଲ କରିବାକୁ ଯୋଜନା କରୁଛନ୍ତି।

## ସେନା ଗାଡ଼ି ଉପରେ...

ଲୁଚି ଥିବାରୁ ସେମାନଙ୍କୁ ଧରିବା ପାଇଁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି। ପ୍ରାଥମିକ ସୂଚନା ଅନୁସାରେ, ୧୮ ରାଷ୍ଟ୍ରୀୟ ରାଇଫଲ୍ସର ଯବାନମାନେ ଆଜି ସନ୍ଧ୍ୟାରେ ବୋଟାପଥରରୁ ଯାଉଥିଲେ। ସେମାନେ ନାଗିନ ଅଞ୍ଚଳ ଅତିକ୍ରମ କରୁଥିବା ବେଳେ ହଠାତ୍ ସେମାନଙ୍କ ଗାଡ଼ି ଉପରେ ଆକ୍ରମଣ ହୋଇଥିଲା। ଆକ୍ରମଣ ହୋଇଥିବା ସ୍ଥାନଟି ଏଲଓସିର ଅତି ନିକଟରେ। ଘଟଣାରେ ୫ ଜଣଙ୍କ ଯବାନଙ୍କ ସହ ଜଣେ ପୋର୍ଟର ମଧ୍ୟ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ମଧ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପୋର୍ଟର ହେଉଛନ୍ତି ଯବାନଙ୍କ ଜିନିଷ ପତ୍ର ନେବା ଆଣିବା କରୁଥିବା ବ୍ୟକ୍ତି। ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଏହି କାମରେ ନିୟୋଜିତ କରାଯାଏ। ଆକ୍ରମଣ ପଛରେ ପାକିସ୍ତାନର ବର୍ଡର ଆକ୍ସନ ଟିମ(ବିଏଟି)ର ହାତ ରହିଛି। ଏମାନେ ପୂର୍ବରୁ ମଧ୍ୟ ଅନେକ ଥର ସୀମା ପାର ଆତଙ୍କବାଦୀ ହମଲା କରିବାର ନଜିର ରହିଛି। ଆଜି ଆକ୍ରମଣ କରିଥିବା ଆତଙ୍କବାଦୀମାନେ ବିଏଟିର ଅଂଶ ବିଶେଷ ବୋଲି କୁହାଯାଉଛି।

## ଅନାସ୍ଥାରେ ପରାଜିତ ୪...

ମ୍ୟୁନିସପାଲଟି ଅଧ୍ୟକ୍ଷା ସଂଯୁକ୍ତା ବେହେରା, ନୀଳଗିରି ଏନଏଏସି ଅଧ୍ୟକ୍ଷା ଅମ୍ବିକା ଦାସ, ଜୁନାଗଡ଼ ଏଏନଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ ଓ ପୁରୁଷୋତ୍ତମପୁର ଏନଏଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼ଙ୍କୁ ସେମାନେ ଅନାସ୍ଥା ଭୋଟରେ ପରାଜିତ ହୋଇଥିବା ଦିନଠୁ ପିଛିଲା ଭାବେ ପଦଚ୍ୟୁତ କରାଯାଇଛି ।ପୌର ସଂସ୍ଥାର ଦୁଇ ତୃତୀୟାଂଶ ସଦସ୍ୟ ବା ନିର୍ବାଚିତ ପ୍ରତିନିଧି ଲିଖିତ ଭାବେ ପୌରାଧକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣି ତାକୁ ସଂଖ୍ୟାବଳରେ ପାରିତ କରିବା ପରଠୁ ସେମାନେ ନିଜର ପଦ ହରାଇଥିଲେ । କିନ୍ତୁ ରାଜ୍ୟ ସରକାର ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିନଥିଲେ । ଆଜି ପୌର ପ୍ରଶାସକଙ୍କ ପକ୍ଷରୁ ଏହି ବିଜ୍ଞପ୍ତି ଜାରି ହୋଇଛି । ଉଲ୍ଲେଖଯୋଗ୍ୟ, ଭବାନୀପାଟଣା ମ୍ୟୁନିସପାଲଟି, ନୀଳଗିରି ଏନଏଏସି ଓ ପୁରୁଷୋତ୍ତମପୁର ଏନଏଏସି ଅଧ୍ୟକ୍ଷ ପଦବୀ ବିଜେଡି ପାଖରେ ରହିଥିଲାବେଳେ ଜୁନାଗଡ଼ ଅଧ୍ୟକ୍ଷ ପଦବୀ ବିଜେପି ପାଖରେ ଥିଲା । ଭବାନୀପାଟଣା ପୌରାଧକ୍ଷା ସଂଯୁକ୍ତା ବେହେରାଙ୍କ ବିରୁଦ୍ଧରେ ସମସ୍ତ ୨୦ଜଣ ସଦସ୍ୟ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ସେହିପରି ନୀଳଗିରିରେ ମୋଟ ୧୩ରୁ ୧୦ଜଣ ସଦସ୍ୟ , ପୁରୁଷୋତ୍ତମପୁର ଏନଏଏସିରେ ୧୩ରୁ ୧୦ଜଣ ଓ ଜୁନାଗଡ଼ ଏନଏଏସିରେ ୧୨ରୁ ୧୦ଜଣ ସଦସ୍ୟ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟ୍ ଦେଇଥିଲେ ।

## 'ଦାନା' ପାଇଁ ଦୁଇ ଦିନ...

ଦିନ ପାଇଁ ବିଶ୍ୱ ଐତିହ୍ୟ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ସୂର୍ଯ୍ୟ ମନ୍ଦିର ବନ୍ଦ ରହିବ। ପର୍ଯ୍ୟଟକଙ୍କ ସୁରକ୍ଷାକୁ ନଜରରେ ରଖି ଆଜି ଓ ଆସନ୍ତାକାଲି କୋଣାର୍କ ମନ୍ଦିର ବନ୍ଦ ରଖିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସାଶନର ନିର୍ଦ୍ଦେଶକ୍ରମେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କୋଣାର୍କ ସୂର୍ଯ୍ୟ ମନ୍ଦିର ଗରୁବାର ଠାରୁ ଆସନ୍ତା ଶୁକ୍ରବାର ୨୫ ତାରିଖ ପର୍ଯ୍ୟନ୍ତ ଦୁଇଦିନ ବନ୍ଦ ରହିବ। ପର୍ଯ୍ୟଟକଙ୍କ ସମେତ ସର୍ବସାଧାରଣଙ୍କ ପ୍ରବେଶ ଉପରେ ବାରଣ କରାଯାଇଛି। ବାତ୍ୟା ପ୍ରଭାବ ଯୋଗୁଁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଏନେଇ ପ୍ରତ୍ନତତ୍ତ୍ୱ ବିଭାଗ ପୁରୀ ଜିଲ୍ଲା ସର୍କଲ ଅଧିକ୍ଷକ ସୂଚନା ଦେଇଛନ୍ତି। ଏବେଠାରୁ ପ୍ରବଳ ବର୍ଷା ଲାଗି ରହିଥିବା ବେଳେ ଅର୍କକ୍ଷେତ୍ର ଖାଁ ଖାଁ ହୋଇଯାଇଥିବା ଦେଖିବାକୁ ମିଳିଛି।

# ଜନଜାଗୃତି ଯୁବକ ସଂଘ ଆନୁକୂଲ୍ୟରେ ୩୭ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ହରିଚନ୍ଦନପୁର, ୨୪/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ଟାଙ୍ଗିରିଆପାଳ ଅନ୍ତର୍ଗତ ଗୋଳାଗାଡିଆ ଠାରେ ୩୭ତମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଂଟ ଉଦଘାଟିତ ହୋଇଯାଇଛି । ଆୟୋଜିତ ପ୍ରଥମ ଦିବସରେ ଜନଜାଗୃତି ଯୁବକ ସଂଘ ଗୋଳାଗାଡିଆ ତରଫରୁ ଗ୍ରାମର ଉଭୟ ଗ୍ରାମ ମୁଖିଆ ଆଜିର ଖେଳକୁ ଉଦଘାଟନ କରିଥିଲେ । କ୍ଲବର ସଭାପତି ସୁଶୀଲ ମାର୍ଣ୍ଡି, ସଭାପତି ଦେବରାଜ ଟୁଡୁ ଓ ସମ୍ପାଦକ ଉଦୟ ନାଥ ପାତ୍ର, ସହ ସମ୍ପାଦକ ରଘୁନାଥ ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଟୁର୍ଣ୍ଣାମେଂଟ ଆସନ୍ତା ୨୭ ତାରିଖରେ ଶେଷ ହେଉଥିବା ବେଳେ ରେଫରୀ ମାନସ ବିଶ୍ୱାଳ, କେଦାର କାଲୁଣ୍ଡିଆ, ଚକ୍ରଧର ଚାତାର ଓ କାଳନ୍ଦୀ ମୁର୍ମୁ ଖେଳ ପରିଚାଳନା କରିଥିବା ବେଳେ ଧାରା ବିବରଣୀ ପ୍ରଦାନ କରିଥିଲେ । ରଜତ ତିରିଆ ଓ ପରମେଶ୍ୱର ବାସ୍କେ, ସଦସ୍ୟ ରାମ ଚନ୍ଦ୍ର ମାର୍ଣ୍ଡି, ଖଗେଶ୍ୱର ମୁର୍ମୁ, ଲିଟାରାମ ମାର୍ଣ୍ଡି, ବାପୁନ ମାର୍ଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

ଶୁକ୍ରବାର, ୨୫ ଅକ୍ଟୋବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୨୪/୧୦ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବଣିଆଁ ହାଇସ୍କୁଲ, ବଣିଆ, ଭଦ୍ରକ ଠାରେ ଏକ ନିଶା ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ନେହା ଅଗ୍ରୱାଲ, ସଚିବ, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ଭଦ୍ରକ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିକ୍ରମ କେଶରୀ ଦାସ, ସଂପାଦକ , ନିୟୁଲାଇଫ୍ ୱେଲନେସ୍ ଟ୍ରଷ୍ଟ, ହଳଦିଡ଼ିହ, ବାଇପାସ, ଭଦ୍ରକ, ବନମାଳୀ ଜେନା, ମେମ୍ବର, ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ୍, ଭଦ୍ରକ, ସୁବ୍ରତ କୁମାର ଦାସ, ଲିଗାଲ ପ୍ରୋବେସନ୍ ଅଫିସର, ଭଦ୍ରକ, ମୋଜାହିଦ୍ ଅଖତର୍ ଖାନ୍, ଡ଼େପୁଟି ଏଲ୍.ଏ.ଡ଼ି.ସି.ଏସ୍, ଭଦ୍ରକ ଶ୍ରୀକାନ୍ତ କୁମାର ଜେନା,ଶିକ୍ଷକ ଭଦ୍ରକ, ତୃପ୍ତିରାଣୀ ଦାସ, ଶିକ୍ଷୟିତ୍ରୀ ବଣିଆ ହାଇସ୍କୁଲ, ସଂଗ୍ରାମ ପଟ୍ଟନାୟକ, ଇନ୍‌ସ୍ପେକ୍ଟର ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଭବିଷ୍ୟତରେ ଭଲ ମଣିଷ ହେବା ସଂଗେ ସଂଗେ ଉତ୍ତମ ଚରିତ୍ର ଗଠନ ତଥା ନିଶାମୁକ୍ତ ସମାଜ ଗଠନରେ ସହାୟକ ହେବାକୁ ଆହ୍ୱାନ କରିଥିଲେ ।




# ବାତ୍ୟା ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ ରବି ନାରାୟଣ ନାୟକ: ପର୍ଯ୍ୟାପ୍ତ ସହାୟତା ଯୋଗାଇ ଦେବାର ପ୍ରତିଶୃତି



ବାଲିଆପାଳ/ଲଙ୍ଗଳେଶ୍ୱର , ୨୪/୧୦ (ନି.ପ୍ର): ପଞ୍ଚାୟତ ରାଜ ମନ୍ତ୍ରୀ ରବି ନାରାୟଣ ନାୟକ ବାତ୍ୟା ଦାନା ର ସ୍ଥିତି ଅନୁଧ୍ୟାନ କରିବା ପାଇଁ ଆଜି ବାଲିଆପାଳରେ ଆସି ପହଁଞ୍ଚି ଛନ୍ତି । ତେବେ ବାତ୍ୟା ପ୍ରପୀଡ଼ିତ ଲୋକଙ୍କୁ ସରକାର ପ୍ରଯ୍ୟାପ୍ତ ସହାୟତା ଯୋଗାଇ ଦେବେ ବୋଲି ମନ୍ତ୍ରୀ ନାୟକ ପ୍ରତିଶୃତି ଦେଇଛନ୍ତି । ମନ୍ତ୍ରୀ ନାୟକ ବ୍ଲକରେ ଏକ ବାତ୍ୟା ସମୀକ୍ଷା ବୈଠକ କରିଛନ୍ତି । ଏଥିରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ,ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଭାଜପା ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ପଣ୍ଡା, ସ୍ଥାନୀୟ ବିଜେପି ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ଅରବିନ୍ଦ ବେହେରା, ଅଜୟ କୁମାର ସାହୁ, ବିଡ଼ିଓ ପୁନମ ରାଉତ, ତହସିଲଦାର ଜନକ କୁମାର ନାୟକ ତଥା ଅନ୍ୟ ପଦାଧିକାରୀ ମାନେ ଉପସ୍ଥିତ ରହି ଅଂଶ ଗ୍ରହଣ କରିଥିଲେ ।ମନ୍ତ୍ରୀ ନାୟକ ଅତି ବାତ୍ୟା ପ୍ରବଣ ସାତଟି ପଞ୍ଚାୟତର ବାତ୍ୟା ଆଶ୍ରୟ ସ୍ଥଳୀ ବୁଲି ଦେଖିବା ସହିତ ସମୁଦ୍ର କୂଳ ଡଗରାରେ ପହଁଞ୍ଚି ସ୍ଥିତି ମଧ୍ୟ ଅନୁଧ୍ୟାନ କରିଥିଲେ । କୌଣସି ଲୋକ ବାତ୍ୟାରେ ଯେପରି କ୍ଷତି ଗ୍ରସ୍ତ ନ ହୁଅନ୍ତି ସେଥିପାଇଁ ବ୍ଲକ ପ୍ରଶାସନକୁ ମନ୍ତ୍ରୀ କହିଥିବା କୁହାଯାଇଛି । ସୂଚନା ଥାଉ କି ଗତ କାଲି ବ୍ଲକ ପ୍ରଶାସନ ତରଫରୁ ଦଶ ହଜାର ଲୋକଙ୍କୁ ୩୫ ଟି ବାତ୍ୟା ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରାଯାଇଥିଲା । ଆଜି ୨୦ ହଜାର ବାତ୍ୟା ପୀଡ଼ିତ ଲୋକଙ୍କୁ ଉଭୟେ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯାଇଛି । ଅତି ବାତ୍ୟା ପୀଡ଼ିତ ଚୌମୁଖ, ଡଗରା, ବେତ ଗଡିଆ, ନୂଆଗାଁ, ଅଳା ଡିହା,ପଞ୍ଚୁ ପାଲି, ଜାମ୍ବୀରାଇ ଆଦି ପଞ୍ଚାୟତର ୬୫ ସ୍କୁଲ ରେ ଅସ୍ଥାୟୀ ଆଶ୍ରୟ ସ୍ଥଳୀ କରାଯାଇଛି । ସମସ୍ତ ବାତ୍ୟା ଆଶ୍ରୟ ସ୍ଥଳୀରେ ଖାଦ୍ୟ, ପାନୀୟ ଜଳ, ଜେନେରେଟର, ମହମ ବତୀ, ଔଷଧ ଆଦି ଯୋଗାଇ ଦିଆ ଯାଇଛି । ଗର୍ଭବତୀ ମହିଳା ମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର କୁ ମଧ୍ୟ ସ୍ଥାନାନ୍ତରିତ କରାଯାଇଛି । ମାଟି ଘର ଓ କଚା ଘରୁ ବୟସ୍କ ଲୋକ ମାନଙ୍କୁ ଅଣା ଯାଇ ବାତ୍ୟା ଆଶ୍ରୟ ସ୍ଥଳୀରେ ରଖା ଯାଇଛି । ଏବେର ସ୍ଥିତି ଅନୁସାରେ ବର୍ଷା ସାଙ୍ଗକୁ ପବନ ବେଗ ବଢ଼ିବାରେ ଲାଗିଛି ।

# 'ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକ'ରେ ଯୋଗଦେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ



ସିଡନୀ, ୨୪/୧୦ ଅଷ୍ଟ୍ରେଲିଆ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଜି ସିଡନୀ ଠାରେ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାର ଏବଂ ଦକ୍ଷତା ଓ ତାଲିମ ମନ୍ତ୍ରୀ ଏ. ଗିଲ୍ସଙ୍କ ସହ 'ଦ୍ୱିତୀୟ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକ' (ଏଆଇଇଏସର୍ସ)ରେ ଯୋଗଦେଇଛନ୍ତି । ଶିକ୍ଷା, ଦକ୍ଷତା ଓ ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ତ୍ୱରିତ କରିବା ନେଇ ବୈଠକରେ ଫଳପ୍ରଦ ଆଲୋଚନା ହୋଇଛି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକ ଦୁଇ ଦେଶ ମଧ୍ୟରେ ଜ୍ଞାନ ବ୍ୟବସ୍ଥାକୁ ସୁଦୃଢ କରିବା, ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ପାରସ୍ପରିକ ପ୍ରାଥମିକତାକୁ ଆଗକୁ ନେବା ତଥା ଏହି କ୍ଷେତ୍ରରେ ନୂତନ ଭିତ୍ତିଭୂମି ସୃଷ୍ଟି କରିବାର ଏକ ଭଲ ମାଧ୍ୟମ ହୋଇଛି । ଏହି ବୈଠକ ଉଭୟ ଅଷ୍ଟ୍ରେଲିଆ ଓ ଭାରତର ଉଜ୍ଜ୍ୱଳ ଭବିଷ୍ୟତର ପରିକଳ୍ପନାରେ ଏକ ପ୍ରମୁଖ ପ୍ଲାଟଫର୍ମ ଭାବେ ଉଭା ହୋଇଛି । ଶିକ୍ଷା ଏବଂ ଦକ୍ଷତା ଭାରତ ଓ ଅଷ୍ଟ୍ରେଲିଆର ଆର୍ଥିକ ସମୃଦ୍ଧିକୁ ମଜଭୂତ୍ କରିବ । ଉଭୟ ଦେଶର ଜନସାଧାରଣ ଏବଂ ଅନୁଷ୍ଠାନ ମଧ୍ୟରେ ସ୍ଥାୟୀ ସମ୍ପର୍କ ସ୍ଥାପନ ଦିଗରେ ଏହି ବୈଠକ ଏକ ଉତ୍ପ୍ରେରକ ହେବ । ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଏବଂ ଦକ୍ଷତା ଓ ତାଲିମ ମନ୍ତ୍ରୀ ଏଆଇଇଏସସି ବୈଠକରେ ନିଷ୍ପତି ହୋଇଥିବା କାର୍ଯ୍ୟକୁ ଆଗେଇ ନେବା ପାଇଁ ସମ୍ମତି ପ୍ରକାଶ କରିଥିଲେ । ଭବିଷ୍ୟତକୁ ଦୃଷ୍ଟିରେ ରଖି ଶିକ୍ଷାର ଆବଶ୍ୟକତା, ଶିକ୍ଷା ଓ ଦକ୍ଷତା ମାଧ୍ୟମରେ ସ୍କିଲ ଦୂରତାକୁ ହ୍ରାସ କରିବା ଏବଂ ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକ ମଧ୍ୟରେ ଗବେଷଣାକୁ ସୁଦୃଢ କରିବା ଉପରେ ଆଲୋଚନା କରିଥିଲେ । ଏଆଇଇଏସସି ବୈଠକ ସ୍କୁଲ ଶିକ୍ଷା, ଦକ୍ଷତା ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ଭାଗିଦାରୀକୁ ମଜଭୂତ୍ କରିବ । ଦୁଇ ଦେଶର ସମ୍ପର୍କକୁ ନିବିଡ କରିବା ଏବଂ ୨୦୨୫ରେ ଭାରତରେ ପରବର୍ତ୍ତୀ ଏଆଇଇଏସସି ବୈଠକର ଯୋଜନା କରିବା ପାଇଁ ଉଭୟ ମନ୍ତ୍ରୀଙ୍କ ସହ ଫଳପ୍ରଦ ଆଲୋଚନା ହୋଇଥିବା ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏହି ଗସ୍ତ କାଳରେ ଇନୋଭେଟିଭ୍ ରିସର୍ଚ୍ଚ ୟୁନିଭରସିଟିର ସଦସ୍ୟମାନଙ୍କ ସହ ସାକ୍ଷାତ୍ କରିଥିଲେ । ସେ କହିଥିଲେ ଭାରତୀୟ ବିଶ୍ୱବିଦ୍ୟାଳୟ ଏବଂ ଅଷ୍ଟ୍ରେଲିଆର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଇନୋଭେସନ ରିସର୍ଚ୍ଚ ୟୁନିଭର୍ସିଟି ମଧ୍ୟରେ ସହଯୋଗୀ ଆଭିମୁଖ୍ୟ ଉପରେ ଭଲ ବୁଝାମଣା ହାସଲ କରିଛି ।

## କୋଲକାତାର ବଜାରରେ ଭୀଷଣ ଅଗ୍ନିକାଣ୍ଡ

କୋଲକାତା, ୨୪/୧୦ କୋଲକାତାର ବ୍ୟସ୍ତବହୁଳ ଏଜରା ଷ୍ଟ୍ରିଟ୍ ବଜାରରେ ବୁଧବାର ରାତିରେ ଘଟିଛି ଭୀଷଣ ଅଗ୍ନିକାଣ୍ଡ । ସୂଚନା ଅନୁଯାୟୀ, ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ୧୫ ଦଳକଳ ଗାଡି ସହିତ ଅଗ୍ନିଶମ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ଥିଲେ । ପ୍ରାୟ ୫ ଘଂଟାର ଅକ୍ଳାନ୍ତ ପରିଶ୍ରମ ପରେ ନିଆଁ ଆୟତ ହୋଇଛି । ନିଆଁ ଲାଗିବାର କାରଣ ଯଦିଓ ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ, ଜଣେ ସ୍ଥାନୀୟ ଦୋକାନୀ କହିଛନ୍ତି ଯେ, ନିଆଁର ମୁଖ୍ୟ ଉତ୍ସ ଥିଲା ଏକ ଗୋଦାମ । ଯାହାକି କାଠର ପ୍ୟାକିଂ ବାକ୍ସରେ ଲୋଡ୍ ଥିଲା । ଧିରେ ଧିରେ ଏହି ନିଆଁ ଆଖପାଖ ଦୋକାନକୁ ବ୍ୟାପୀ ଥିଲା । ନିଆଁ ଲାଗିବାର କାରଣ ଯଦିଓ ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ, ତେବେ ଦମକଳ ବିଭାଗର ଅଧିକାରୀ ମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ, ସର୍ଟ ସର୍କିଟ୍ କାରଣରୁ ନିଆଁ ଲାଗି ଥାଇପାରେ ।

# ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ଅନୁଯାୟୀ ପ୍ରକ୍ରିୟା ଆରମ୍ଭ



ଭଦ୍ରକ, ୨୪/୧୦ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅବପାତରେ ପରିଣତ ହୋଇ ସମ୍ଭାବ୍ୟ ବାତ୍ୟା ରୂପରେ ଭଦ୍ରକ ଜିଲ୍ଲା ଆଡ଼କୁ ମୁହାଁଇବାର ସୂଚନା ଅନୁଯାୟୀ ତାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପ୍ରକ୍ରିୟା ଆରମ୍ଭ କରି ସାରିଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଆବଶ୍ୟକ ମତେ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଏହି ବାତ୍ୟା ମୁକାବିଲା ପ୍ରସ୍ତୁତି ଓ ପରିଚାଳନାର ତଦନ୍ତ ଅଧିକାରୀ ଭାବେ ରାଜ୍ୟ ସରକାରଙ୍କ ତରଫରୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ଭଦ୍ରକର ପୂର୍ବତନ ଜିଲ୍ଲାପାଳ ଓ ବର୍ତ୍ତମାନର ଅତିରିକ୍ତ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବରିଷ୍ଠ ଆଇ.ଏ.ଏସ୍. ଅଧିକାରୀ ତ୍ରିଲୋଚନ ମାଝୀ ପହଞ୍ଚି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସମସ୍ତ ସୁପରଭାଇଜିଂ ଅଧିକାରୀମାନଙ୍କୁ ନେଇ ଜିଲ୍ଲାପାଳଙ୍କ ଉପସ୍ଥିତିରେ ସମୀକ୍ଷା କରିଛନ୍ତି । ଭିତର କନିକା ରୁ ଧାମରା ମଧ୍ୟରେ ବାତ୍ୟା ସ୍ଥଳଭାଗ ଛୁଇଁବାର ଆକଳନ ଅନୁଯାୟୀ ପ୍ରସ୍ତୁତି ଓ ପ୍ରକ୍ରିୟା ଆରମ୍ଭ କରାଯିବାକୁ ଥିବାରୁ ଶ୍ରୀଯୁକ୍ତ ମାଝୀ ସ୍ଥାନାନ୍ତର ପ୍ରକ୍ରିୟା, ଆଶ୍ରୟସ୍ଥଳୀରେ ପାନୀୟଜଳ, ଶୌଚାଳୟ, ପରିମଳ, ଖାଦ୍ୟ ମହଜୁଦ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ବିଦ୍ୟୁତର ବିକଳ୍ପ ଶକ୍ତି ଉପଲବ୍ଧି ଆଦି ବ୍ୟବସ୍ଥାର ପ୍ରସ୍ତୁତି ସମ୍ବନ୍ଧରେ ଟିକିନିଖି ସମୀକ୍ଷା କରିଥିଲେ । ପ୍ରତି ପଞ୍ଚାୟତ, ପ୍ରତି ଗ୍ରାମ, ପ୍ରତି ଆଶ୍ରୟ ସ୍ଥଳ ପାଇଁ ନୋଡ଼ାଲ ଅଧିକାରୀ ନିଯୁକ୍ତି ଓ ସେମାନଙ୍କ ଯୋଗାଯୋଗ ନମ୍ବର ଅବଗତ କରାଇବା ଉପରେ ସେ ଅଧିକ ପ୍ରାଧାନ୍ୟ ଦେଇଥିଲେ । ବାତ୍ୟା ପାଇଁ ପୂର୍ବ ପ୍ରସ୍ତୁତି ତନଖି ସହ ବାତ୍ୟା ସମୟ ଓ ବାତ୍ୟା ପରର କାର୍ଯ୍ୟ ସମ୍ବନ୍ଧରେ ମଧ୍ୟ ଅଧୀକାରୀମାନଙ୍କୁ ସେ ପରାମର୍ଶ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟକି ଧାମରା, ବାସୁଦେବପୁର ବ୍ଲକ୍ ଓ ବାସୁଦେବପୁର ମ୍ୟୁନିସିପାଲିଟି ପାଇଁ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଧାମନଗର ବ୍ଲକ୍ ଓ ଧାମନଗର ଏନ୍.ଏ.ସି. ପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ବାସୁଦେବପୁର ବ୍ଲକ୍ ଓ ମ୍ୟୁନିସିପାଲିଟି ପାଇଁ ପୂର୍ବତନ ଉପଜିଲ୍ଲାପାଳ, ଭଦ୍ରକ ଓ ବର୍ତ୍ତମାନ ରୋଟିର ଯୁଗ୍ମ ନିର୍ଦ୍ଦେଶକ ମନୋଜ ପାତ୍ର, ଚାନ୍ଦବାଲି ବ୍ଲକ୍ ଓ ଚାନ୍ଦବାଲି ଏନ୍.ଏ.ସି. ପାଇଁ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ବ୍ଲକ୍ ଓ ଭଦ୍ରକ ମ୍ୟୁନିସ୍‌ପାଲିଟି ପାଇଁ ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ତିହିଡ଼ି ବ୍ଲକ୍ ପାଇଁ ଅତିରିକ୍ତ ନିର୍ବାହୀ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ବନ୍ତ ବ୍ଲକ ପାଇଁ ସହକାରୀ ଜିଲ୍ଲାପାଳ ତନ୍ମୟ କୁମାର ଜେନା, ଭଣ୍ଡାରିପୋଖରୀ ବ୍ଲକ ପାଇଁ ସହକାରୀ ଜିଲ୍ଲାପାଳ ଖଗେଶ୍ୱର ବରାଳ ପ୍ରମୁଖଙ୍କୁ ସୁପରଭାଇଜିଂ ଅଧିକାରୀ ଭାବେ ନିୟୋଜିତ କରାଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ସୁପରଭାଇଜିଂ ଅଧିକାରୀମାନେ ନିଜ ନିଜ କ୍ଷେତ୍ରକୁ ଗସ୍ତ କରିଛନ୍ତି । ବାତ୍ୟାର ମୁକାବିଲା ନେଇ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ପହଞ୍ଚିବା ୩ଟି ଏନ୍.ଡ଼ି.ଆର୍.ଏଫ୍, ୬ଟି ଅଗ୍ନଶମ ବାହିନୀ ଓ ୬ଟି ଓଡ୍ରାଫ୍ ସବ୍‌ଟିମ୍‌କୁ ଗନ୍ତବ୍ୟ ସ୍ଥଳକୁ ପଠାଇ ଦିଆଯାଇଛି । ଚନ୍ଦବାଲିର ଧାମରାରେ, ଧାମନଗର ବ୍ଲକ୍‌ରେ ଏବଂ ଜିଲ୍ଲା ସଦର ମହକୁମାରେ ୩ଟି ଏନ୍.ଡି.ଆର୍.ଏଫ୍ ଦଳ, ବାସୁଦେବପୁର ନାୟିକାଣିଡ଼ିହି, ଚୂଡ଼ାମଣି, କଷିଆରେ, ଚାନ୍ଦବାଲିର ତୋଟାପଡ଼ା, ଯଶୀପର ଏବଂ ନଳଗୋହୀରାରେ ଓଡ୍ରାଫ୍‌ର ସବ୍‌ଟିମ୍, ଧାମନଗର ଧୁଷୁରୀ, ଭଦ୍ରକ ବ୍ଲକ, ଚାନ୍ଦବାଲି ବ୍ଲକ, ତିହିଡ଼ି ଓ ବନ୍ତ ବ୍ଲକ୍‌ର ଅଗ୍ନିଶମ ଦଳ ବାତ୍ୟା ମୁକାବିଲାରେ ଉଦ୍ଧାର, ପୁନଃରୁଦ୍ଧାର, ରିଲିଫ୍ ଆଦି କାର୍ଯ୍ୟପାଇଁ ସଜାଗ ଅଛନ୍ତି ଶେଷ ଖବର ଅନୁଯାୟୀ ଆଶ୍ରୟସ୍ଥଳୀକୁ ଲୋକମାନଙ୍କର ସ୍ଥାନାନ୍ତର ପ୍ରକ୍ରୀୟା ଆରମ୍ଭ କରାଯାଇଛି ।

# ବାତ୍ୟା 'ଦାନା' ପ୍ରଭାବିତ ଅଞ୍ଚଳରେ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର ଜେନା



ବାଲିଆପାଳ/ଲଙ୍ଗଳେଶ୍ୱର, ୨୪/୧୦ (ନି.ପ୍ର): ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଗୁରୁବାର ଦିନ ବାତ୍ୟା 'ଦାନା' ପ୍ରଭାବିତ ବସ୍ତା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ବାଲିଆପାଳ ବ୍ଲକର ସମୁଦ୍ର ନିକଟବର୍ତ୍ତୀ ଚୌମୁଖ, ଡଗରା, ବେତଗଡ଼ିଆ, ଅଲାଡ଼ିହା ଓ ନୂଆଗାଁ ଆଦି ବିଭିନ୍ନ ପଞ୍ଚାୟତରେ ପହଞ୍ଚି ଅଞ୍ଚଳବାସୀଙ୍କ ଧନ ଜୀବନ ସୁରକ୍ଷା ନେଇ ଆନୁସଙ୍ଗିକ ବ୍ୟବସ୍ଥାର ସ୍ଥିତି ପରଖିବା ସହ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକୁ ଯାଇ ସେଠାରେ ଥିବା ଲୋକମାନଙ୍କ ରହିବା, ଖାଦ୍ୟପେୟ ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଏଥିସହ ଉଦ୍ଧାର କାର୍ଯ୍ୟ ଏବଂ ଥଇଥାନ କାର୍ଯ୍ୟରେ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ତତ୍ ସହିତ ବାତ୍ୟା ଆଶ୍ରୟ ସ୍ଥଳୀ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀ ମାନଙ୍କୁ ଜନସାଧାରଣଙ୍କ ଯେପରି ଅସୁବିଧା ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ଜିଲ୍ଲା ବିଜୁ କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ ପରିଡ଼ା, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସମହାପାତ୍ର, ସମାଜସେବୀ ସାହିରୁଲ ହକ୍ ଙ୍କ ସମେତ ବିଭିନ୍ନ ପଞ୍ଚାୟତର ବହୁ ଦଳୀୟ ନେତୃବୃନ୍ଦ ପୂର୍ବତନ୍ ସାଂସଦ ଶ୍ରୀଯୁକ୍ତ ଜେନାଙ୍କ ସହ ପ୍ରଭାବିତ ଅଞ୍ଚଳ ଗସ୍ତ କରିଥିଲେ ।

# ୧୧ ବର୍ଷୀୟ ନାବାଳକକୁ ହତ୍ୟା ଘଟଣା : ବାପା ଓ ପୁଅ କୋର୍ଟଚାଲାଣ

ବଲାଙ୍ଗିର, ୨୪/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଲାଠୋର ଥାନା ଅନ୍ତର୍ଗତ ଜଳପାଖେଲ ଗ୍ରାମର ଜଣେ ୧୧ ବର୍ଷୀୟ ନାବାଳକ ସୋମନାଥ ବେମାଳର ହତ୍ୟାକୁ ନେଇ କିଛି ଦିନ ତଳେ ଲାଠୋର ଅଂଚଳରେ ଚାଂଚଲ୍ୟ ସୃଷ୍ଟି ହୋଇଥିଲା । ଉକ୍ତ ଘଟଣାକୁ ନେଇ ଗ୍ରାମର ଡ଼ୋଲାମଣି ରଣାକୁ ପୋଲିସ ଗିରଫ କରିଥିବାବେଳେ ଘଟଣାର ଅଧିକ ତଦନ୍ତ ପରେ ତାଙ୍କ ପୁଅ ମୁକେଶ ରଣାଙ୍କୁ ମଧ୍ୟ ପୋଲିସ ଗିରଫ କରି ଉଭୟ ବାପା ଏବଂ ପୁଅକୁ ଆଜି କୋର୍ଟଚାଲାଣ କରିଥିବା ପାଟଣାଗଡ଼ ଏସଡିପିଓ ସଦାନନ୍ଦ ପୁଝାରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପ୍ରକାଶ କରିଛନ୍ତି । ଅନ୍ୟପଟେ ଗ୍ରାମବାସୀ ଏହି ଘଟଣାକୁ ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ ବୋଲି ଦାବୀ କରିଛନ୍ତି ।

# କୋଟଗଡ ଆଦର୍ଶ ସାହିରେ ପାନୀୟ ଜଳ ସମସ୍ୟା : ଶୋଷ ମେଂଟାଉଛି ଚୁଆ ପାଣି

କନ୍ଧମାଳ, ୨୪/୧୦ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ସରକାର ଯୋଜନା ପରେ ଯୋଜନା କରୁଛନ୍ତି ତଥାପି ଜିଲ୍ଲାର ଅଧିକାଂଶ ଦୁର୍ଗମ ଅଂଚଳକୁ ମୌଳିକ ସୁବିଧା ପହଂଚି ପାରୁନି । ଏପରିକି ରାସ୍ତା ଘାଟ, ବିଶୁଦ୍ଧ ଜଳ ଯୋଗାଣ ସାତ ସପନ ହୋଇଛି । ସେହିଭଳି ଏକ ଗାଁ କୋଟଗଡ ବ୍ଲକ ଅନ୍ତର୍ଗତ କୋଟଗଡ ପଂଚାୟତର ଆଦର୍ଶ କଲୋନୀ, କହଁର ସାହି, ରୂପା ଝରି ସାହି । ଉକ୍ତ ସାହିରେ ୫୦ ରୁ ଅଧିକ ପରିବାର ଲୋକେ ବସବାସ କରନ୍ତି । ଏଠାର ଲୋକ ସଂଖ୍ୟା ପ୍ରାୟ ୧୨୦ ରୁ ଉର୍ଦ୍ଧ୍ୱ ହେବ । ଏଠାରେ ଲୋକେ ବସବାସ କଲେଣି ପ୍ରାୟତଃ ୫୦ ବର୍ଷ ହେବ; କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ କୋଟଗଡ଼ ପଂଚାୟତ ଠାରୁ ପ୍ରାୟ ୨ କି.ମି. ଦୂରତା ହେବ । କିନ୍ତୁ ଦୀପ ତଳେ ଅନ୍ଧାର ଭଳି ସ୍ଥିତି । ପଂଚାୟତ କାର୍ଯ୍ୟାଳୟ ଠାରୁ ଅତି ନିକଟରେ ଏହି ସାହି ଗୁଡିକ ରହିଛି, ହେଲେ ଆଜି ପର୍ଯ୍ୟନ୍ତ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି ଏହି ସାହି ବାସିନ୍ଦା । ଉକ୍ତ ଗ୍ରାମର ସାହି ଗୁଡିକୁ ଯିବା ଆସିବା କରିବା ପାଇଁ ଭଲ ପକ୍କା ରାସ୍ତା ଟିଏ ନାହିଁ । ଯେଉଁ ରାସ୍ତା ଟିଏ ଅଛି ବର୍ଷା ହେଲେ ତାହା କାଦୁଅ ସରବର । ବର୍ଷା ହେଲେ ବର୍ଷା ପାଣି ରାସ୍ତା ଉପରେ ଜମାଟ ବାନ୍ଧି ରହିଥାଏ । ରାସ୍ତା ଘାଟ ଅଛି ନା ଡ୍ରେନ ର କୌଣସି ସୁବିଧା ଅଛି । ଯାହା ଫଳରେ ଯାତାୟାତ ବାଧାପ୍ରାପ୍ତ ହୁଏ । ପାନୀୟ ଜଳ କଥା ନକହିବା ଭଲ ଉକ୍ତ ସାହି ଗୁଡିକରେ । ୨ଟି ନଳକୂପ ଅଛି ସତ କିନ୍ତୁ ସେଥିରୁ କଳଙ୍କି ପାଣି ବାହାରୁଛି । ସେହି ପାଣି ମଧ୍ୟ ଗୋଳିଆ, କାଦୁଅ ପାଣି, ଦଶ ପନ୍ଦର ଥର ନଳକୂପ ମାରିଲା ପରେ ହିଁ ବହୁ କଷ୍ଟରେ ପାଣି ବାହାରେ । ଏହି ପାଣିକୁ ବ୍ୟବହାର କରିବା ସମ୍ଭବ ନୁହେଁ । ଶେଷରେ ଗ୍ରାମର ଲୋକେ ନାଳ ନିକଟରେ ଏକ ଗର୍ତ କରି କୁଣ୍ଡ ନିର୍ମାଣ କରି ସେହି କୁଣ୍ଡ ପାଣିକୁ ଗାମୁଛା ସାହାଯ୍ୟରେ ବାଲ୍ଟି, ହାଣ୍ଡି, ଗୋରିଆ, ମାଠିଆରେ ଛାଣି ଆଣି ପାନୀୟ ଜଳ ରୂପେ ବ୍ୟବହାର କରନ୍ତି । ପାଣି, ରାସ୍ତାଘାଟ ସମସ୍ୟା ନେଇ ସେମାନେ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ପାଣି ସମସ୍ୟା ଦୂର ହେଲାନାହିଁ ।

# ଉନ୍ନତତର ରୋଗୀ ସେବା ନିମନ୍ତେ ଇସ୍ପାତ ଜେନେରାଲ ହସ୍ପିଟାଲକୁ ଦୁଇଟି ନୂତନ ଆମ୍ବୁଲାନ୍ସ ହସ୍ତାନ୍ତର



ରାଉରକେଲା , ୨୪/୧୦ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କରକାନାର ଏଫଏମ(ଏମ) ବିଭଗରେ ଅକ୍ଟୋବର ୨୨ ତାରିଖ ଦିନ ଆୟୋଜିତ ଏକ ସମାରୋହରେ ସ୍ୱାସ୍ଥ୍ୟସେବା ଏବଂ ଜରୁରୀକାଳୀନ ପରିବହନ ସୁବିଧାକୁ ଆହୁରି ସୁଦୃଢ କରିବା ଲକ୍ଷ୍ୟରେ ଦୁଇଟି ନୂତନ ମହିନ୍ଦ୍ରା ର ନିଓ ମଡେଲ୍ ଆମ୍ବୁଲାନ୍ସକୁ ଖଣି ଓ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଉଦଘାଟନ କରିବା ସହିତ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡାକ୍ତର ଜୟନ୍ତ ଆଚାର୍ଯ୍ୟଙ୍କୁ ହସ୍ତାନ୍ତର କରିଥିଲେ । ଏହି ଅବସରରେ ମେକାନିକାଲ ବିଭାଗର ସି ଜି ଏମ, ଶ୍ରୀ ଆର ଏନ ରାଜେନ୍ଦ୍ରନ, ସେବା ବିଭାଗର ସି ଜି ଏମ, ଶ୍ରୀ ଏମ ଏନ ଭି ଏସ ପ୍ରଭାକର, ଏସଏମଏସ-୨ ବିଭାଗର ସି ଜି ଏମ, ଶ୍ରୀ ଟି ପି ଶିବଶଙ୍କର, ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ, ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ସି ଜି ଏମ, ଶ୍ରୀ ସୁମିତ କୁମାର, ଏଫଏଫ(ଏମ) ଓ ପରିବହନ ବିଭାଗର ଜିଏମ ଇନ-ଚାର୍ଜ ଶ୍ରୀ ଅବକାଶ ମଲ୍ଲିକଙ୍କ ସମେତ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଗଭର୍ନମେଣ୍ଟ ଇ-ମାର୍କେଟପ୍ଲେସ୍ (ଜେମ୍) ପୋର୍ଟାଲ୍ ମାଧ୍ୟମରେ ଆମ୍ବୁଲାନ୍ସ ପିଛା ୧୨.୬ ଲକ୍ଷ ବ୍ୟୟରେ ଦୁଇଟି ଆମ୍ବୁଲାନ୍ସ ନୂତନ ରୂପେ କ୍ରୟ କରାଯାଇଛି । ଏହି ଆମ୍ବୁଲାନ୍ସଗୁଡିକରେ ପ୍ରଶସ୍ତ ସ୍ଥାନ ସହିତ ଉନ୍ନତ ବୈଶିଷ୍ଟ୍ୟ ରହିଛି ଯେପରିକି ପରିବହନ ସମୟରେ ଉଭୟ ରୋଗୀ ଏବଂ ଅପରେଟରଙ୍କ ପାଇଁ ସର୍ବୋତ୍ତମ ଆରାମଦାୟକତାକୁ ସୁନିଶ୍ଚିତ କରିବା ସହିତ ଷ୍ଟ୍ରେଚର୍ ଏବଂ ଇନବିଲ୍ଟ ଏୟାର କଣ୍ଡିସିନର ବ୍ୟବସ୍ଥା ଉପଲବ୍ଧ ଅଛି । ଏହି ଆମ୍ବୁଲାନ୍ସଗୁଡ଼ିକ ବୃତ୍ତିଗତ ସ୍ୱାସ୍ଥ୍ୟ ସେବା କେନ୍ଦ୍ର (ଓ ଏଚ ଏସ ସି) ଏବଂ ଫର୍ଟିଲାଇଜର୍ ହସ୍ପିଟାଲରେ ଆଗରୁ ଅଚଳ ହୋଇଥିବା ପୁରୁଣା ଯାନ ବଦଳରେ ବ୍ୟବହୃତ ହେବ । ଏହା ରୋଗୀ ସେବା ଏବଂ ଜରୁରୀକାଳୀନ ପରିବହନ ସେବାରେ ଆହୁରି ଉନ୍ନତି ଆଣିବ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo